ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଡିସେମ୍ବର ୨୦୧୩ ସଂସ୍କରଣ


ମହାଧାର୍ମିକ

ମମତାର ଛାୟା

ଝରକାର ଆରପାଖ

ବାବୁଭାଇଙ୍କ ନିଜ କଥା

ଚାକର ବନାମ ଆତ୍ମୀୟତା

ପୁରୁଷ ଅଧିକାର ଦାବୀ କରୁଛି !!!




ଗଞ୍ଜାମର ଗୌରବ - କୃଷ୍ଣସାର ମୃଗ

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

୨୦୧୩ ମସିହା ଦେଖୁ ଦେଖୁ ଆସନ୍ନ ସମାପ୍ତ ହେବାକୁ ଆସିଲା | ଦେଶରେ ଏକ ପରିବର୍ତ୍ତନର ଝଡ଼ ମଧ ଏହି ସମୟରେ ଆସିବାର ଦେଖାଦେଲାଣି | ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ଉତ୍ତର ଭାରତରେ ଅନ୍ୟୁନ ଚାରୋଟି ରାଜ୍ୟରେ ବିଜେପିର ସରକାର ଗଠନ ହେବାର ଏକ ରକମର ଠିକ୍ ହୋଇଗଲାଣି | ପନ୍ଦରବର୍ଷ ଧରି କଂଗ୍ରେସର ଗଡ଼ ହୋଇଥିବା ଦିଲ୍ଲୀରେ ଏଥର କଂଗ୍ରେସ ସଂପୂର୍ଣ୍ଣ ଭାବରେ ନିଜ ସ୍ଥିତି ବଜାୟ ରଖିବାରେ ବିଫଳ ହୋଇଛି | ଅବଶ୍ୟ ଏହାପଛରେ ଅନେକ କାରଣ ଥାଇପାରେ, ସେଥିରୁ ଗୋଟିଏ ହେଉଛି ଆମ୍ ଆଦମୀ ପାର୍ଟିର ଉଦ୍‌ଭବ | ଅରବିନ୍ଦ କେଜେରିୱାଲଙ୍କ ଆମ ଆଦମୀ ପାର୍ଟି ଦିଲ୍ଲୀର ଭୋଟରମାନଙ୍କୁ ଅନେକ ସୁଖ ସୁବିଧାର ପ୍ରତିଶୃତି ଦେଇ ଏବଂ କଂଗ୍ରେସ ସରକାରଙ୍କ ବିଫଳତାକୁ ନେଇ ସଚେତନ କରାଇବାପରେ ଲୋକମାନେ କଂଗ୍ରେସକୁ ହତୋତ୍ସାହିତ କରିଦେଇଛନ୍ତି |

ବିଗତ ବର୍ଷ ଆମ ଦେଶର ଅର୍ଥନୈତିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଦୋଦୁଲ୍ୟମାନ ହୋଇ ରହିଥିଲା | ବର୍ଷ ସମାପ୍ତ ହେଉ ହେଉ ଶେୟାର ବଜାରର ସୂଚକାଙ୍କରେ ସାମାନ୍ୟ ବୃଦ୍ଧି ହେଉଥିବା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀମାନଙ୍କ ଆକାଶ ଛୁଆଁ ଦରବୃଦ୍ଧି ଲୋକଙ୍କ ମନରେ କଂଗ୍ରେସ ସରକାରଙ୍କ ପ୍ରତି ଆକ୍ରୋଶ ଜାଗ୍ରତ କରାଇବା ପାଇଁ ଯଥେଷ୍ଟ ଥିଲା | ବିଗତ ବର୍ଷ କଂଗ୍ରେସ ଶାସନରେ ହୋଇଥିବା ଅନେକ ଘୋଟାଲା ମଧ ଏହି ପରି ପରିବର୍ତ୍ତନର ଏକ କାରଣ |

୨୦୧୧-୧୨ରେ ଭ୍ରଷ୍ଟାଚାର ବିରୋଧରେ ସ୍ବର ଉତ୍ତୋଳନ କରିଥିବା ଅରବିନ୍ଦ କେଜେରିୱାଲ୍ ଓ ଆନ୍ନା ହଜାରେଙ୍କ ଆନ୍ଦୋଳନର ଫଳ କିଛି ମିଳିନଥିବା ବେଳେ ପରବର୍ତ୍ତୀ ସମୟରେ ଆମ୍ ଆଦମୀ ପାର୍ଟିର ଗଠନ ହୋଇଥିଲା | ଯଦିଓ ଏହି ପାର୍ଟି ଗଠନ ହେବାପରେ ଅନେକ ସମୟରେ ଅରବିନ୍ଦ କେଜେରିୱାଲ ଓ ଆନ୍ନା ହଜାରେଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତରର ସମ୍ବାଦ ଗଣମାଧମରେ ପ୍ରକାଶିତ ହୋଇ ଆସୁଥିଲା, ତଥାପି ବିଗତ ଦିନରେ ଆନ୍ନା ହଜାରେ ଏବଂ ଅରବିନ୍ଦ କେଜେରିୱାଲ୍ ଉଭୟେ ଏହାକୁ ଖଣ୍ଡନ

କରିଥିଲେ | ଏବଂ ଦିଲ୍ଲୀ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଉଭୟ ପରସ୍ପରକୁ ସହଯୋଗ କରିବା ଏବଂ ସମର୍ଥନ କରିବା କଥା ସର୍ବସମ୍ମୁଖରେ ପ୍ରକାଶିତ ହୋଇଥିଲା | ବର୍ତ୍ତମାନ ଆମ୍ ଆଦମୀ ପାର୍ଟି ଦିଲ୍ଲୀ ବିଧାନ ସଭାରେ ୭୦ରୁ ୨୮ଟି ସିଟରେ ବିଜୟୀ ହୋଇ ଇତିହାସ ଗଠନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ |

ରାଷ୍ଟ୍ରୀୟ ସ୍ତରରେ ରାଜନୀତି ସରଗରମ ଥିବା ସମୟରେ ଓଡ଼ିଶାରେ କଂଗ୍ରେସରୁ ବିତାଡ଼ିତ ସୌମ୍ୟରଞ୍ଜନ ପଟନାୟକ ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ଠାରେ ବିରାଟ ରାଲି କରି ନୂଆ ଦଳ ଗଠନକରିଥିବା କଥା ପ୍ରକାଶ କରିଛନ୍ତି | ଆଗାମୀ ଦିନରେ ସେ କଣ କରାମତି କରି ଦେଖାଇବେ ତାହା ଦେଖିବାକୁ ରହିଲା | ଆମ ଓଡ଼ିଶା ନାମରେ ଗଠିତ ଏହି ଦଳ ଆଗାମୀ ପାଞ୍ଚମାସ ମଧ୍ୟରେ ନୂଆ କିଛି କରି ଦେଖାଇବ ବୋଲି ପ୍ରତିଶୃତି ମଧ୍ୟ ଦେଉଛି | ଇତି ମଧ୍ୟରେ ଓଡ଼ିଶାର ବିଭିନ୍ନ ପୌରାଞ୍ଚଳରେ ନିର୍ବାଚନ ସମାପ୍ତ ହୋଇଛି ଏବଂ ଏଥିରେ ଶାସକ ବିଜୁ ଜନତା ଦଳ ନିଜର ସୁଦୃଢ଼ ସ୍ଥିତି ବଜାୟ ରଖିବାରେ ସଫଳ ହୋଇଛି | ଏହି ସମୟରେ ବିଜେଡ଼ିରୁ ବିତାଡ଼ିତ ପ୍ୟାରୀ ମୋହନ ମହାପାତ୍ରଙ୍କ ଜନମୋର୍ଚ୍ଚା ଦଳର କୌଣସି ଖବର ଗଣମାଧ୍ୟମ ପ୍ରକାଶିତ କରିନାହାନ୍ତି | ନବୀନ ପଟ୍ଟନାୟକ ପୁଣିଥରେ ନିଜର ସ୍ଥିତିକୁ ପ୍ରମାଣିତ କରିବାରେ ସକ୍ଷମ ହୋଇଛନ୍ତି | ଏହି ସବୁ ନିର୍ବାଚନର ଫଳାଫଳ ୨୦୧୪ ମସିହାର ଭାରତୀୟ ସଂସଦୀୟ ନିର୍ବାଚନ ପାଇଁ ଏକ ସୁଦୃଢ଼ ମୂଳଦୁଆ ବୋଲି ପ୍ରମାଣିତ ହେବ ଏଥିରେ ଦୋରାୟ ନାହିଁ |

ଶେଷରେ ବର୍ଷ ୨୦୧୩ରେ ଘଟିଥିବା ଅନେକ ଘଟଣା ଦୁର୍ଘଟଣାକୁ ସ୍ମୃତିରେ ସଜାଇ ରଖି, ନୂତନବର୍ଷକୁ ସାଦରେ ସ୍ବାଗତ କରିବାପାଇଁ ଆଗଭର ହେବାର ନିର୍ଭର ପ୍ରତିଶୃତି ଦେଇ ଆପଣ ମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି, ଚଳିତ ମାସର ଆହ୍ବାନ |

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସୂଚୀପତ୍ର


| | |
|---|---|
| ବାବୁଭାଇଙ୍କ ନିଜ କଥା | ୬ |
| ଅରବିନ୍ଦ ଆଚାର୍ଯ୍ୟ | |
| ମୁଁ | ୧୬ |
| ହିତେଶ୍ ମହାପାତ୍ର | |
| ଗଞ୍ଜାମର ଗୌରବ - କୃଷ୍ଣସାର ମୃଗ | ୧୭ |
| ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | |
| ପାଠକୀୟ ପତ୍ର | ୨୦ |
| ଜୀବନ ମୋ | ୨୩ |
| ସନମ ଦେବୀ | |
| ପ୍ରଥମ ପ୍ରେମ | ୨୪ |
| ଅନିଲ କୁମାର ସେଠୀ | |
| ଅଲୋଡ଼ା ପଥର | ୨୫ |
| ଅନୁପମ ବେହେରା | |
| ଏମିତି ଜିଇଁବି | ୨୬ |
| ସିଲୁ ବେହେରା | |
| ମହାଧାର୍ମିକ | ୨୭ |
| ସବିତା ସାମଲ | |
| ମମତାର ଛାୟା | ୩୦ |
| ସୁଷମା ତ୍ରିପାଠୀ | |
| ଝରକାର ଆରପାଖ | ୩୫ |
| ଶିଳ୍ପଦା ସାମଲ | |
| ମା ମହାଦେବୀ | ୪୦ |
| ଶ୍ରୀ ସୂର୍ଯ୍ୟକାନ୍ତ ଦାଶ | |
| ଚାକର ବନାମ ଆତ୍ମୀୟତା | ୪୨ |
| ଅମୀୟ ରଞ୍ଜନ ସାହୁ | |
| ପୁରୁଷ ଅଧିକାର ଦାବୀ କରୁଛି!!! | ୪୭ |
| ବାଲ୍ମୀକି ନାୟକ | |


କାକୁଧର ଙ୍କ
ନିଜକଥା
ଅରବିନ୍ଦ ଆଚାର୍ଯ୍ୟ
ଅରବିନ୍ଦ

# ବାବୁଭାଇଙ୍କ ନିଜ କଥା



ଅରବିନ୍ଦ ଆଚାର୍ଯ୍ୟ

ଏମିତି ଦିନ ଗଡ଼ି ଚାଲିଥାଏ | ପାଖେଇ ଆସିଲା ମୋର ପୁନର୍ବାର ଗସ୍ତର ଦିନ | ମୁଁ ମୋର ଆବଶ୍ୟକୀୟ ଜିନିଷ ସବୁ ଏକାଠି କରି ବାହାରିଲି ପୂର୍ବପରି |

ଆଉ କିଛି ଅସୁବିଧା ହେଲାନି | ମୁଁ ଠିକ୍ ଯାଗାରେ ପହଞ୍ଚିଲି | ରାତିରେ ଖାଇପିଇ ଶୋଇଗଲି | ଆଉ ଦିନଟିଏ ପରେ ପରୀକ୍ଷା | ତେଣୁ ବହିପତ୍ରକୁ ସଜାଡ଼ି ରଖିଥିଲି |

ଭୋରୁ ଭୋରୁ ଉଠି ପଢୁଥିଲି | ମା ମଧ୍ୟ ମୋ ପାଖରେ ଆସି ରହୁଥାଏ | ସେ ମୋ ପାଖରେ ବସି କଣ ଗୋଟାଏ ସିଲେଇ କରୁଥାନ୍ତି | ହଠାତ୍ ଏମିତି କଥା ହେଉ ହେଉ ସେ କହିଲା -

- ବାବୁ, ତୁ କୁନିଠୁ ଫୋଟୋଗୁଡ଼ାକ ଆଣିଥିଲୁ ଯେ ତାକୁ ଫେରେଇ ଦେଉନୁ |

ମୁଁ ଆଶ୍ଚର୍ଯ୍ୟ ହେଲି | ପରେ ମନେ ପକାଇଲି, ଓହୋ | ମା'କୁ ମଧ୍ୟ ତ ସେଇ ଫୋଟୋ ସବୁ ଦେଖେଇଛି ମୁଁ | ଅବଶ୍ୟ ଦେଖେଇ ଦେଇ ଭଲ କରିଛି | ଲୁଚେଇ କି ବି କଣ ପାଇଥାନ୍ତି ?

ମୁଁ କିଛି ନ କହିବା ଦେଖି ମା' ପୁଣି କହିଲା - 'ଶୁଭୁଛି ତ ? କୁନି ର ଫୋଟୋ ଗୁଡ଼ାକ ଫେରେଇ ଦେ | କଣ କରିବୁ ତା ଫୋଟୋ ରଖି; ତାଙ୍କ ଘରେ ଖରାପ ଭାବିବେ |'

- ହୁଁ... ହଉ ଫେରେଇ ଦେବି |

ମୁଁ ଥଙ୍ଗେଇ ଥଙ୍ଗେଇ କହୁଥିଲି | କାରଣ ଫେରେଇବାକୁ ତିଳେ ହେଲେ ମନ ନଥିଲା |

ସକାଳୁ ପରୀକ୍ଷା ଦେବାକୁ ଯାଇ ସନ୍ଧ୍ୟାରେ ଫେରିଲି | ମା ଓ ମୁଁ ବଜାରକୁ ଗଲୁ | ଫେରିଲା ବେଳେ ମୁଁ ମା'କୁ କହିଲି, 'ଯିବା କୁନି ପାଖକୁ ? ତା' ଫୋଟୋ ଦେବାକୁ |'

'ହୁଁ' ମା କହିଲା |

ଦୁହେଁ ଚାଲିଲୁ | ମୋ ଗୋଡ଼ ଟିକେ ଶୀଘ୍ର ଶୀଘ୍ର ପଡୁଥାଏ | କୁନିକୁ ଦେଖିବାପାଇଁ ମୁଁ ଦଉଡ଼ିବା ପରି ଲାଗୁଥାଏ | ଆମେ ତାଙ୍କ ଘରେ ପହଞ୍ଚିଲା ବେଳକୁ ସେ ଠାକୁରଙ୍କ ପାଖରେ ବସିଥାଏ | ମୁଁ ତାର ପଛପଟୁ ଦେଖିଲି | ଚୁପ୍ ଚାପ୍ କିଛି ନ କହି ପୁଣି ବାହାରକୁ

ଆସି ଦାଣ୍ଡରେ ଠିଆ ହେଲି | କିଛି ସମୟପରେ ସେ ପୂଜାରୁ ଉଠିଲା | ମା' ତାକୁ କହୁଥିବାର ମୁଁ ଶୁଣିଲି -

'କୁନି, ବାବୁ କଣ ତୋତେ ଦେବ ବୋଲି ଆଣିଛି | ' କୁନି ମୋ ପାଖକୁ ଆସୁଥିଲା | ମୁଁ ପିଠିକରି ଠିଆ ହୋଇଛି ସତ ହେଲେ ସେ ଆସିବା ମୁଁ ଜାଣିପାରୁଥିଲି | ମୋ ଛାତି ଭିତରେ ହୃତପିଣ୍ଡଟା ଜୋରରେ ଚାଲୁଥିଲା | ପକେଟରୁ ଫୋଟୋଗୁଡ଼ାକ ବାହାର କରି ତା ହାତକୁ ବଢ଼ାଇ ଦେଲି |

ତା ମୁହଁକୁ ଚାହିଁଲି | ମୁହଁଟା ଅଲଗା ଅଲଗା ଦିଶୁଥାଏ, ସ୍ବାସ୍ଥ୍ୟ କମିଗଲା ପରି ଲାଗୁଥାଏ | ମୁଁ ପଚାରିଲି -

- କଣ ହେଲା ତୋର ? ଏମିତି କଣ ଶୁଖିଲା ଦିଶୁଛୁ ?

- କିଛି ନାଇଁ, କଣ ହେବ... ତୁମେ କାହିଁକି ଏମିତି ଦିଶୁଛ ? ସେ ଓଲଟା ପ୍ରଶ୍ନ କରୁଥିଲା |

- ମୁଁ....? ଧେତ୍ ମୁଁ କାହିଁକି କଣ ଦିଶିବି | ମୁଁ ସାମାନ୍ୟ ହସିଦେଲି |

ସେଦିନ ଆଉ ବେଶୀ କଥାବାର୍ତ୍ତା ହୋଇପାରିଲି ନାହିଁ, ମା ଆସିଲା ପରେ ଦୁହେଁ ଫେରି ଆସିଲୁ |

ତା'ପରେ ମୁଁ ପୂର୍ବପରି ପରୀକ୍ଷା ପୁର୍ବରୁ ତାଙ୍କ ଘରକୁ ଗଲି | ପଢ଼ାପଢ଼ି ହେଉଥାଏ | ଏମିତି ହଠାତ୍ କୁନି ମୋତେ ପଚାରିଲା -

- ତୁମେ ସବୁ କଥା ମାଉସୀଙ୍କୁ କହିଦେଇଛ ନୁହେଁ ?

- ହୁଁ, କଣ ହେଲାକି ? ମୁଁ କହିଲି

- କଣ ହେଲାକି ?.. ତୁମେ ଭାରୀ... ସିଏ ଟିକେ ଅଭିମାନ ତଥା ରାଗରେ ଏତିକି କହି ଅଟକି ଗଲା | ମୁଁ ତା ଫୋଟୋ ସବୁ ଫେରାଇବା ବେଳେ ସେଥିରେ କାଗଜଟିଏ ବି ଦେଇଥିଲି, ଆଉ ଲେଖିଥିଲି, 'ମୁଁ ତୁମକୁ ଭଲ ପାଏ, ତୁମେ ମୋତେ ଭଲ ପାଅ କି?'

ସେ ସେଇ କାଗଜକୁ ମୋତେ ଦେଖେଇ ପଚାରୁଥିଲା, 'ଇୟେ କଣ?'

'ଏଇଟା କିଛି ନୁହଁ । ' ତା ହାତରୁ କାଗଜଟା ଟାଣି ଆଣି ଚିରି ଦେଲି | ସେ ଟେରେଇ ଟେରେଇ ମୋତେ ଚାହୁଁଥିଲା | କହିଲା-

- ବାତରା...

ମୁଁ ହଠାତ୍ ଗମ୍ଭୀର ହୋଇ କହିଲି -

- ହଁ, ମୁଁ ବାତରା... ଜାଣିଛୁ ତା ମାନେ କଣ ?

- କଣ?

- ବାତରା ମାନେ ବହୁତ ଖରାପ ।

- ସତରେ ! ମୁଁ ଜାଣେନି | ସତରେ ଭାରୀ ଖରାପ ?

ସେ ଭାରୀ ସିରିୟସ ଭାବରେ ପଚାରୁଥିଲା | ମୁଁ ସେ ବିଷୟରେ କିଛି କଥା ହେବାକୁ ଚାହୁଁନଥିଲି | କହିଲି;

- ହଉ.. ଛାଡ଼ ସେ କଥା

- ନା, ବାବୁଭାଇ, ସତରେ ମୁଁ ଜାଣେନି | କୁହ ସତରେ କଣ ଭାରୀ ଖରାପ | ଜାଣିଥିଲେ କହିନଥାନ୍ତି | ପ୍ଲିଜ୍ କୁହ, ସତରେ କଣ ବହୁତ ଖରାପ କଥା କି ?

ମୁଁ ନିରବ ରହି ଦେଖୁଥିଲି ସେ ହୁଣ୍ଡିର କଥା | ଏଇ କ୍ଷଣି କ୍ରୋଧରେ ଜଳୁଛି, ଏଇ କ୍ଷଣି ଥଣ୍ଡା ପାଣି ହେଇ ଯାଉଛି | ମୁଁ ବି ଜାଣିନଥିଲି ତା ଅର୍ଥ | କିନ୍ତୁ ସେ କ୍ଷମା ମାଗିଚାଲିଥିଲା ।

- ବାବୁଭାଇ, ମୁଁ ପାଗଳ ଅର୍ଥରେ ଏମିତି କହିଦେଲି | ତୁମେ ପ୍ଲିଜ୍ କିଛି ଭାବିବନି | ମୋ ରାଣ ।

ମୁଁ ମନକୁ ମନ ହସି ପକାଉଥିଲି ।

-ହଉ ଛାଡ଼ ସେ କଥା, କାଲି ମୁଁ ଟିକେ ବାହାରକୁ ଯିବି | ତୋ ନୋଟ୍ସ ଡାଏରୀଟା ଟିକେ ଦେବୁ କି ପଢ଼ି ଫେରେଇ ଦେବି ।

ସେ ତା ଡାଏରୀଟା ମୋତେ ଦେଇଥିଲା | ମୁଁ ଘରକୁ ଆସିଲି ।

ତା ଡାଏରୀକୁ ତନ୍ ତନ୍ କରି ପୃଷ୍ଠା ପୃଷ୍ଠା ଲେଉଟାଇ ଦେଖୁଥିଲି, ଗୋଟିଏ ବିଷୟ | ଦୁଇତିନି ଜାଗାରେ ଗୋଟେ ନାଁ ବାରମ୍ବାର ଲେଖାଯାଇଛି | ନାଁଟା ମୋର ବର୍ତ୍ତମାନ ମନେ ପଡୁନି | ସେ ଯା'ହେଉ ନାଁଟା କିନ୍ତୁ ବାରମ୍ବାର ଲେଖା ହୋଇଛି | ଠିକ୍ ଯେମିତି ମୁଁ କୁନିର ନାଁକୁ ମୋ ଡାଏରୀରେ ବାରମ୍ବାର ଲେଖିଥାଏ | ସେମିତି କୁନିର ଡାଏରୀରେ ଅନ୍ୟଜଣେ ପୁରୁଷ ନାଁ ଦେଖି ହଠାତ୍ ମୁଁ ଅଲଗା ପ୍ରକାର ଚିନ୍ତା କଲି |

ଭାବୁଥିଲି ମୁଁ ବୋଧହୁଏ କୁନିକୁ ଭଲ ଭାବରେ ବୁଝିପାରିଲି ନାହିଁ | ସେ ବୋଧହୁଏ ଖୁବ୍ ଖୁସିରେ ଥିଲା | ମୁଁ ଅଯଥାରେ ତା ଉପରେ ପଡ଼ି ଭଲ ପାଉଛି | ଭାରୀ ଦୁଃଖ ଓ ରାଗ ଲାଗିଲା | କଣ କରିବି କିଛି ଭାବି ପାରିଲି ନାହିଁ | କ୍ଷମା କେମିତି ମାଗିବି ଭାବୁ ଭାବୁ ଚିଠିଟିଏ ଲେଖିବା ନିଷ୍ପତ୍ତି ନେଇଥିଲି ଆଉ ତୁରନ୍ତ ଲେଖିଦେଲି ମଧ |

ସେତେବେଳକୁ ବାହାରେ ଝିପ୍ ଝିପ୍ ବର୍ଷା ଆରମ୍ଭ ହୋଇଥିଲା, ହେଲେ ମୋ ଛାତିତଳେ ନିଆଁ ଲାଗିଥିଲା ପରି ଲାଗୁଥିଲା | ମନ ଶାନ୍ତି ନଥିଲା | କେତେବଡ଼ ଭୁଲ କରିଦେଲି ବୋଲି ଭାବୁଥିଲି |

ଛାତି ଉପରେ ପଥର ରଖି ମୁଁ ସବୁତକ ସ୍ମୃତିକୁ ଧରି ତା'ପାଖରେ ପହଞ୍ଚିଲି | ବାହାରେ ବର୍ଷା ବଢ଼ିବାକୁ ଆରମ୍ଭ ହେଉଥିଲା | ମୋ ମନ ମଧ୍ୟରେ ତାଠୁ ବଡ଼ ଝଡ଼ | ଘରେ ପହଞ୍ଚିଲି | ସେ ପଢୁଥିଲା | ମତେ ଦେଖି ହସିଲା | ମୋ ମୁହଁରୁ ହସ ହଜିଯାଇଥିଲା ସତେ | ଚେଷ୍ଟା କରିବି ହସି ପାରୁନଥିଲି | ସବୁତକ ଜିନିଷ ତା'ପାଖରେ ରଖିଦେଇ ଫେରି ଆସିଲି | ସେ କଣ କହୁଥିଲା କି ନାହିଁ ସେ ପ୍ରତି ଆଉ ଧ୍ୟାନ ବି ଦେଇନି |

ଝଡ଼ ତୋଫାନ୍ କମ ହେଇ ଆସୁଥିଲା | ବର୍ଷାରେ ଓଦା ହେଇ ଘରେ ପହଞ୍ଚିଲି | ସନ୍ଧ୍ୟାରେ କୁନା ଆସିଥିଲା ଘରକୁ | କୁନି ବହି ଖଣ୍ଡେ ମାଗିଥିଲା | କୁନା ହାତରେ ବହି ଦେଉ ଦେଉ ଗୋଟିଏ କାଗଜ ଖଣ୍ଡରେ ଛୋଟ ଚିଠି ଟିଏ ଲେଖି ପଠାଇଲି -

କୁନି,

ଯଦି ଏ କାଗଜଟା ତୋ ହୃଦୟ ହୁଏ, ତା'ହେଲେ ଏ ହୃଦୟ ଭିତରେ କାହା ନାଁ

ଲେଖା ହୋଇଛି, ଲେଖି ମୋତେ ଦେବୁ | ଭାବିଚିନ୍ତି ଲେଖିବୁ, ଭାବପ୍ରବଣ ହେବୁ ନାହିଁ |

କୁନା ବହି ନେଇ ଚାଲିଗଲା |

ତା ପରେ ଅନେକ ଦିନ ବିତିଗଲା କିନ୍ତୁ କୌଣସି ଉତ୍ତର ମିଳିଲା ନାହିଁ | ଏଣେ ମୋ ମନ ଭିତରେ ସେଇ ଏକା ପ୍ରଶ୍ନ ବାରମ୍ବାର ଆସି ମୋତେ ବ୍ୟଥିତ କରୁଥିଲା | ଅଗତ୍ୟା ଦିନେ ମୁଁ ବାଧ୍ୟହେଲି କୁନି ପାଖକୁ ଯିବାକୁ |

କୁନିଘରେ ଥିଲା, ତାକୁ ସିଧା ଆଖିରେ ଚାହିଁ ପାରୁନଥିଲି, ତେଣୁ ପଚାରିଲି

- ମୁଁ ଯାହା ଦେଇଥିଲି ପାଇଲୁ ତ ?

ସେ ନିରବ ଥିଲା |

ତା ପରେ ତା ଡାଏରୀକୁ ଦେଖାଇ ଦେଖାଇ ମୁଁ ପଚାରୁଥିଲି,

- ଏ ନାଁ କାହାର ? ଏଠି କିଏ ଲେଖିଛି?

ସେ କେତେ କଣ କହୁଥିଲା କିନ୍ତୁ ମୁଁ କିଛି ଶୁଣୁନଥିଲି | ସବୁ ଏ କାନରେ ପୁରେଇ ସେ କାନରେ ବାହାରକୁ କରିଦେଉଥିଲି | ମୋ ପକେଟରୁ ବାହାର କରି ଦେଖାଉଥିଲି ସେ ସବୁ ଚିଠି ଯାହା ମୁଁ ତା ପାଇଁ ଲେଖିଥିଲି ଅବଶ୍ୟ କେବେ ଦେବା ଭଳି ସାହାସ ଓ ସୁଯୋଗ ପାଇନଥିଲି | ସେହି ଚିଠିରୁ ଗୋଟିଏକୁ ସେ ଟାଣି ନେଇ ପଢ଼ିଥିଲା;

କୁନି,

କାହିଁକି, ମୁଁ ଏତେ ଅସହାୟ ମନେ କରୁଛି? ଯେମିତି ଲାଗୁଛି ମୁଁ ତୋ ପାଖରୁ ଦୂରେଇ ଯାଉଛି | ତୋତେ କିଏ ମୋ ପାଖରୁ ନେଇ ଯାଉଛି | ମୁଁ ତୋ ପାଖରୁ କିଛି ଆଶା କରୁନି ସତ | ତଥାପି ତୋ ପାଖରେ ଥିଲେ ମୋତେ ବହୁତ ଭଲ ଲାଗୁଛି | ତୋତେ ଦେଖିବାପାଇଁ ମୁଁ ବ୍ୟାକୁଳ ହୋଇଯାଉଛି | ତୁ ହସିଲେ ମୋତେ ଦୁନିଆ ହସିଲା ପରି ଲାଗୁଛି |

ଏହାପରେ ଅନେକ କିଛି ଲେଖିଛି ସେ ସବୁ ସେ ପଢ଼ି ଚାଲିଥିଲା | ଶେଷରେ ପଢୁଥିଲା;

ମୁଁ ଭାବୁଛି, ମୁଁ ତୋର ଯୋଗ୍ୟ ନୁହେଁ | ତଥାପି ମୁଁ ଆର ଜନ୍ମରେ ବି ତୋତେ ହିଁ ଆପଣେଇବି | ମୁଁ ତୋ ଅପେକ୍ଷା କରିବି | ତୁ କରିବୁ ତ ?

ଜାଣିଥିବୁ କିଏ...

ତା ହାତରେ ସବୁ ଚିଠି ଦେଇ ମୁଁ ଘର ଆଡକୁ ଚାଲି ଆସୁଥିଲି |

ତା'ପରଦିନ ସକାଳୁ ମନି ଖାତାଟିଏ ଧରି ଆମ ଘରେ ଆସି ପହଞ୍ଚିଥିଲା | ତା ଭିତରେ ମୋ ପଠାଇଥିଲା ଚିଠି ଓ ତା ଉତ୍ତର ଆସିଥିଲା | ସେଥିରେ କୁନି ଲେଖିଥିଲା -

'ମୋ ହୃଦୟରେ ଲେଖା ଯାଇଛି, କେବଳ ଗୋଟିଏ ନାଁ, ଆଉ ସେଇଟା ହେଉଛି ତୁମର ବାବୁଭାଇ | ତୁମେ ମୋତେ ବିଶ୍ବାସ କର | ମୁଁ ସତ କହୁଛି |

ମୁଁ ତ ନିଜକୁ ତୁମର ବୋଲି ଭାବି ନେଇଛି | ଏଥିପାଇଁ ତୁମକୁ ଆଉଥରେ ଜନ୍ମ ନେବାକୁ କିମ୍ବା ଅପେକ୍ଷା କରିବାର ଦରକାର ନାହିଁ | ଏ ଜନ୍ମରେ ହିଁ ହେବ | କିନ୍ତୁ ମୁଁ କହିଦେଉଛି, ମୁଁ କିଛି କରିପାରିବି ନାହିଁ | ବାପା ବୋଉଙ୍କୁ ବୁଝେଇବା ଦାୟିତ୍ବ ତୁମର | ଯାହା ବି କରିବ ଭୁଲ ଠିକ୍ ଭାବିଚିନ୍ତି କରିବ | ତୁମେ ଯାହା ଚାହୁଁଛ, ମୁଁ ବି ସେଇୟା ହିଁ ଚାହୁଁଛି | କିନ୍ତୁ ଏବେ ପାଠ ପଢ଼ା ସମୟ | ଗ୍ରାଜୁଏସନ୍ ସରିଲେ ବାକି କଥା | ଆଚ୍ଛା, ତମକୁ କଣ କହି ଡାକିବି କହିଲନି ତ ?

ଇତି

କୁନି

ମୁଁ ସ୍ବପ୍ନ ରାଜ୍ୟରେ ଘୁରି ବୁଲୁଥିଲି, ନିଜେ କଳ୍ପନା କରିପାରିଲି ନାହିଁ କିନ୍ତୁ ପରେ ଭାବିଲି ମୁଁ କେତେ ବଡ଼ ଅପରାଧ ଟିଏ କଲି, ବିଚାରୀ କୁନିକୁ ମୁଁ କେତେ କଥା କହିଛି |

ତା'ପାଖକୁ ଗଲି, ତା'ର ଏ ଚିଠି ପାଇଁ ଉପହାର ଦେଇ ତା ପାଖରେ ବସି ପଚାରିଲି;

- କଣ, ଯାହା ଲେଖିଛୁ ସବୁ ସତ ?

ସେ କାନ୍ଦ କାନ୍ଦ ହୋଇ ମୋ ହାତକୁ ଧରି ପକାଇଲା ଆଉ କହିଲା;

- ସତରେ ବାବୁଭାଇ ମୁଁ ଆଉ କାହାକୁ ନୁହେଁ, ଖାଲି ତୁମକୁ... ଆଉ କିଛି କହୁ କହୁ ସେ ଅଟକିଗଲା | ମୁଁ ତାର ଭାବନାକୁ ବୁଝିପାରୁଥିଲି | ନିଜକୁ ଶାସ୍ତି ଦେବାକୁ ତା' ହାତଟା ଉଠାଇ ମୋ ନିଜ ଗାଲରେ ଜୋରରେ ଚଟକଣାଟିଏ ଲଗାଇଲି | ସେ ତା' ହାତ ଛଡ଼ାଇନେଇ ଆଶ୍ଚର୍ଯ୍ୟ ହୋଇ ଚାହିଁଲା |

- ମୁଁ ପ୍ରକୃତରେ ମାଡ଼ ଖାଇବା କଥା | ମୁଁ କହିଲି |

- ନା, ବାବୁଭାଇ ମୁଁ ... ସେ କହିଲା |

ଏହା କହି ସେ ମୋ ହାତକୁ ନେଇ ନିଜ ଗାଲରେ ଚଟକଣାଟିଏ ଲଗାଇବାକୁ ଚେଷ୍ଟା କଲା | ମୋ ହୃଦୟ ଆବେଗରେ ଭରି ଆସିଲା | ମୁଁ ଆତ୍ମବିଭୋର ହୋଇ ପଡୁଥିଲି | କିନ୍ତୁ କିଛି କହିପାରିଲି ନାହିଁ | ଅନିଚ୍ଛା ସତ୍ତ୍ୱେ ଫେରି ଆସିଲି |

ପୁଣି ପରଦିନ ମିନି ଆସି ଚିଠିଟିଏ ଦେଲା | ସେଦିନ ଶେଷ ପରୀକ୍ଷା ପାଇଁ ମୁଁ ବସି ପଢୁଥାଏ | ଚିଠିଟି ଖୋଲି ପଢ଼ିଲି |

ବାବୁଭାଇ,

ପ୍ଲିଜ୍ ମୋତେ ଭୁଲିଯିବ | ତମେ ଭୁଲିଗଲେ, ମୁଁ ମଧ୍ୟ ଭୁଲିବାକୁ ଚେଷ୍ଟା କରିବି | ତମେ ଆଉ ଏଠିକୁ ଜମା ଆସିବନି | ମୁଁ ଚାହୁଁନି ଯେ ମୋ ପାଇଁ ତୁମେ ଅପମାନିତ ହୁଅ | ମୋତେ ଜମା ଭୁଲ ବୁଝିବନି | ଯଦି ମୋର ମଙ୍ଗଳ ଚାହୁଁଥାଅ, ମୋତେ ଭୁଲିଯିବାକୁ ଚେଷ୍ଟା କରିବ | ଆଉ କିଛି ଲେଖି ତୁମ ମନକୁ କଷ୍ଟ ଦେବାକୁ ଚାହୁଁନି |

ଇତି

କୁନି

ମୋ ଛାତି ବିଦୀର୍ଣ୍ଣ ହୋଇଗଲା | ମୁଁ ନିଶ୍ଚୟ କଲି ଯେ, ତାକୁ ଆଉ ଚାହିଁବି ମଧ୍ୟ ନାହିଁ | ମୋ ପାଇଁ ସେ ଆଉ ଅପଦସ୍ତ ନ ହେଉ | ତା'ଠାରୁ ଦୂରେଇ ଯିବି |

କିନ୍ତୁ ନିଜକୁ ବିଶ୍ବାସ କରି ହେଉନଥାଏ | ମୁଁ ତାଠୁ ଦୂରେଇ ଯିବାକଥା ଚିନ୍ତାରେ

ମଧ୍ୟ କେବେ ଭାବିନି | ମୋ ଆତ୍ମା ମୋତେ ନା ନା ନା କହି ଶୁଣାଇ ଦେଉଥାଏ | କିନ୍ତୁ କୌଣସି ପନ୍ଥା ନ ପାଇ ଖଣ୍ଡିଏ ଛୋଟ ଚିଠି ଲେଖି ପଠାଇଦେଲି |

ସ୍ନେହର କୁନି

ଧେତ୍, ତୁ ସବୁ କଥା ସତ ଭାବିଲୁ ? ମୁଁ କଣ ସତରେ ତତେ କହୁଥିଲି? ତୁ ପରା ମୋର ଅତି ପ୍ରିୟ ଟିକି ଭଉଣୀ | ବୁଝିଲୁ, ମୁଁ ଗୋଟେ ଥେସିସ୍ ଲେଖୁଛି ଯେ ସେଥିରେ ଏଇ ଏକ୍ସପେରିମେଣ୍ଟ ଟା ଲେଖିବି | ଯେଉଁଟା ତୋ ସହ ହେଲା | ଆଚ୍ଛା ଦେଖି, ମୁଁ ଯଦି ତତେ ଅଲଗା ହିସାବରେ ଭଲ ପାଉଥାନ୍ତି- ତତେ କଣ ଗୋଟେ ଚୁମା ମଧ୍ୟ ଦେଇ ପାରିନଥାନ୍ତି ? ଏତେ ସୁବିଧା ଥାଇ ସୁଦ୍ଧା? ମୁଁ ଜମା ସେ ଦୃଷ୍ଟିରେ ଭାବିନି | ତୁ ବି ଖରାପ ଭାବିବୁନି | ମୋତେ କ୍ଷମାଦେବୁ, ରହିଲି | ରାକ୍ଷୀ ପଠାଇବୁ | ଇତି |

ବାବୁଭାଇ

ଚିଠିଟି ପଠାଇଦେଇ ନିଃଶ୍ବାସ ମାରିଲି | ବୋଧହୁଏ ଏଇଟା ମୋ ପାଇଁ ସବୁଠାରୁ ଠିକ୍ ରାସ୍ତା ଥିଲା | କାରଣ ମୁଁ ତାକୁ ଭଲପାଏ, ପାଇଛି, ପାଉଛି ଓ ପାଉଥିବି ମଧ୍ୟ |

ମୋ ପାଖରେ ତାର କୌଣସି ଜିନିଷ ନଥିଲା, କିନ୍ତୁ ସେ ମୋ ଭିତରେ, ମୋର ପ୍ରତି ଲୋମକୂପରେ ଲୁଚି ଯାଇଥିଲା | ମୋର ଆଉ ଚିନ୍ତା କଣ ? ତା'ର ଖୁଶି ହିଁ ମୋର ଖୁଶି | ମୁଁ କଣ ତା ପାଇଁ ଏତିକି କରିପାରିବିନି ???

ଶେଷ ଦିନ ପରୀକ୍ଷାକୁ ଗଲାବେଳେ ଦୁରରୁ କୁନିକୁ ଦେଖିଲି, ତାକୁ ଦେଖା ନ ଦେବାକୁ ମୁଁ ଅନ୍ୟ ରାସ୍ତାରେ ଚାଲିଲି | ଦୀର୍ଘଶ୍ବାସ ମୋ ଭିତରୁ ବାହାରିଗଲା | କିନ୍ତୁ ମୁଁ ଖୁଶି ହେଉଥିଲି | ଅନ୍ୟପାଇଁ ତ୍ୟାଗରେ ମଧ୍ୟ ଗୋଟିଏ ଆନନ୍ଦ ଥାଏ |

ପରୀକ୍ଷା ଦେଇ ମୁଁ ପୁରୁଷୋତ୍ତମପୁରକୁ ଫେରି ଆସିଲି |

- ଶେଷ -

ଆଜି ରାକ୍ଷୀ ପୂର୍ଣ୍ଣିମା | ସମସ୍ତେ ରାକ୍ଷୀ ବାନ୍ଧି ହାତରେ ହାତ ପକେଇ ବୁଲୁଛନ୍ତି | କୁନିଠୁ ରାକ୍ଷୀ ଆସିନଥାଏ |

ତା'ପରଦିନ ପତିବାବୁ ଗୋଟିଏ ଲଫାହା ମୋତେ ବଢ଼ାଇ ଦେଲେ | କୁନି ଦେଇଥିଲା | ଚଟାପଟ୍ ଖୋଲି ଚିଠି ସହିତ ରାକ୍ଷୀଟିଏ ପାଇଲି | ରାକ୍ଷୀକୁ ପାଖରେ ଥୋଇଦେଇ ଚିଠିଟି ପଢ଼ିଲି;

ବାବୁଭାଇ,

ତୁମ ପାଇଁ ରାକ୍ଷୀ ପଠାଇଲି | ତୁମକୁ ପ୍ରଥମେ ଦେଖିବାପରେ ତୁମଠୁ ବଡ଼ ଭାଇର ସ୍ନେହ ପାଇଛି | ଆଉ ସବୁବେଳେ ଏମିତି ଭାଇର ସ୍ନେହ ପାଇବି ବୋଲି ଆଶା କରୁଛି |

'ରାକ୍ଷୀରେ ରାକ୍ଷୀ ତୁ ରହିଲୁ ସାକ୍ଷୀ...

ଭାଇ ମୋର ଜଗତନାଥ, ବାନ୍ଧିଲି ମୁଁ ରାକ୍ଷୀ ଯା'ହାତ |'


ଇତି

କୁନି

ପତିବାବୁଙ୍କ ଝିଅ କୁନି ମୋ ହାତରେ ରାକ୍ଷୀଟା ବାନ୍ଧି ଦେଇଥିଲା | ମୋହଟା ଝିମ୍ ଝିମ୍ ହୋଇ ଆସୁଥିଲା | ଲାଗିଲା ଯେମିତି ମୁଁ ଆଉ ମୋର ହାତ ଅଲଗା ଅଲଗା ହେଇଯିବୁ |

ସମାପ୍ତ

# ମୁଁ



ହିତେଶ୍ ମହାପାତ୍ର

ସମୁଦ୍ର ବେଳାଭୂମିରେ
ଏକା ହୋଇ ଯାଇଥିବା
ଶାମୁକା ମୁଁ
ଟ୍ରାଫିକରେ ଠିଆ ହୋଇ
ଦେଖୁଥିବା
ଲାଲବତୀ ମୁଁ
ବର୍ଷାପର, ଆକାଶରେ
ଭାସି ବୁଲୁଥିବା
ମେଘ ଖଣ୍ଡଟିଏ ମୁଁ
ଗହଳିକୁ ଭଲ ପାଇ
ଗହଳିଠୁ ଦୂରରେ ରହୁଥିବା
ମଣିଷଟିଏ ମୁଁ
ନାରୀଠୁ ଜନ୍ମହୋଇ
ନାରୀକୁ ଘୃଣା କରୁଥିବା
ମଣିଷଟିଏ ମୁଁ
ଏକ ଅସମାପ୍ତ କବିତାର
କେତୋଟି ପଂକ୍ତି ହେଉଛି ମୁଁ
ଯିଏ
ଭଲ ପାଇବା ନାଁରେ
ପାଇଛି ବିଶ୍ବାସଘାତକତା
ସମ୍ପର୍କ ନାଁରେ ପାଇଛି କୃତ୍ରିମତା
ଜୀବନ ନାଁରେ ପାଇଛି, ମୁଠାଏ
ଅଭିଜ୍ଞତା
ସେହି ମଣିଷଟି ହେଉଛି ମୁଁ

# ଗଞ୍ଜାମର ଗୌରବ - କୃଷ୍ଣସାର ମୃଗ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବ୍ରହ୍ମପୁରଠାରୁ ଷାଠିଏ କିଲୋମିଟର ଦୂରରେ, ଆସ୍କା-ବୁଗୁଡ଼ା ରାଜ୍ୟ ରାଜପଥ ମଧ୍ୟବର୍ତ୍ତୀ ଭେଟନଇ ଅଞ୍ଚଳ ଦେଇ ଯାଉଥିବା ସମୟରେ ପଥପ୍ରାନ୍ତରେ କୃଷ୍ଣସାର ମୃଗ ବିଚରଣ କ୍ଷେତ୍ର ବୋଲି ଅନେକ ସ୍ଥାନରେ ଫଳକମାନ ଥିବା ଦେଖିବାକୁ ମିଳେ | ଅନେକ ସମୟରେ ଏହି ଅଞ୍ଚଳ ଦେଇ ଯାତାୟାତ କରୁଥିବା ଯାନବାହାନ ରାସ୍ତା ପାରିକରୁଥିବା ହରିଣ ମାନଙ୍କ ପାଇଁ ଅଟକି ରହିବାପାଇଁ ପଡ଼ିଥାଏ | ଅତି ସୁନ୍ଦର ଦେଖା ଦେଉଥିବା ଏହି ମୃଗ (ହରିଣ) ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ତାଲିକାରେ ଏକ ନମ୍ବର ସ୍ଥାନର ମାନ୍ୟତା ପାଇଛନ୍ତି | ବିଲୁପ୍ତପ୍ରାୟ ଏହି ପ୍ରଜାତିର ହରିଣ ଓଡ଼ିଶାରେ ବିରଳ, ଏବଂ ଗଞ୍ଜାମ ଜିଲ୍ଲାର ଘୁମୁସର ଦକ୍ଷିଣ ବନଖଣ୍ଡ ଅନ୍ତର୍ଭୁକ୍ତ ଆସ୍କା ବନାଞ୍ଚଳର ୧୧ ଗୋଟି ଗ୍ରାମ ଓ ବୁଗୁଡ଼ା ବନାଞ୍ଚଳର ୯ ଗୋଟି ଗ୍ରାମର ଚାଷ ଜମି, ବନ, ଜଙ୍ଗଲ, ପାହାଡ଼ିଆ ପ୍ରାନ୍ତର, ଉଦ୍ୟାନ ଓ ଜଳାଶୟ ନିକଟରେ ବହୁଳ ଭାବରେ ଦେଖାଯାଆନ୍ତି |




ଅନେକ ଦଶନ୍ଧିରୁ ଏମାନଙ୍କ ସୁରକ୍ଷିତ ବିଚରଣ ହେତୁ ଏହି ଅଞ୍ଚଳର ଅଧିବାସୀମାନେ ମଧ୍ୟ ଏହି ପ୍ରାଣୀ ମାନଙ୍କ ସୁରକ୍ଷାକୁ ନେଇ ବେଶ୍ ସଚେତନ ଅଟନ୍ତି | ବିଭିନ୍ନ ଗ୍ରାମସଭାରେ ଏହି ପଶୁମାନଙ୍କ ସୁରକ୍ଷା ପାଇଁ ଗୋଷ୍ଠୀମାନ ସକ୍ରିୟ ଅଛନ୍ତି | ତଥାପି ଦିନକୁ ଦିନ ଏମାନଙ୍କ ସଂଖ୍ୟା କମ





ହେବାରେ ଲାଗିଛି |


ମନୁଷ୍ୟମାନଙ୍କ ଠାରୁ ନିରାପଦ ଦୂରତାରେ ଏହି ପ୍ରାଣୀମାନେ ନିର୍ଭୟରେ ବିଚରଣ କରୁଥିବାର ଦେଖିବା ଅତ୍ୟନ୍ତ ଆମୋଦକର | କୃଷ୍ଣସାର ମୃଗମାନଙ୍କର ରାଜକୀୟ ଠାଣିରେ ଚାଲି ଦେଖିଲେ ବହୁତ ଆନନ୍ଦମିଳେ | କୃଷ୍ଣସାର ବ୍ୟତୀତ ଅନ୍ୟ ଅନେକ କିସମର ମୃଗ ତଥା ବନ୍ୟପ୍ରାଣୀ ଏହି ଅଞ୍ଚଳରେ ଦେଖାଯାଇଥାନ୍ତି |

ପ୍ରାୟତଃ ସକାଳ ଏବଂ ସଂଧ୍ୟା ସମୟରେ ଏହି ହରିଣ ମାନଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଥାଏ | କିନ୍ତୁ ସେମାନେ ଯେଉଁ ଅଞ୍ଚଳରେ ରହନ୍ତି, ସେଠାରେ ଅଳ୍ପ ଉଚ୍ଚର ଘାସ ଉଠିଥିବା ବେଳେ ପିଇବା ପାଇଁ ପାଣିର ଅଭାବ ରହିଛି, ତେଣୁ ସାଥିରେ ପାଣି ନେବାକୁ ଭୁଲନ୍ତୁ ନାହିଁ | ହରିଣ ମାନଙ୍କ ଠାରୁ ନିରାପଦ ଦୂରତାରେ ରହି ଆପଣ ଏହି ପ୍ରାଣୀମାନଙ୍କୁ ପ୍ରକୃତିର ନିଜସ୍ବ ପରିବେଶରେ ବିଚରଣ କରୁଥିବା ଦେଖିବା ନିଶ୍ଚୟ ଭାବରେ ଏକ ଗର୍ବ ଓ ଗୌରବର ବିଷୟ | ହୁଏତ ଆଗାମୀ ବର୍ଷମାନଙ୍କରେ ଏହି ପ୍ରାଣୀମାନେ ଆଉ ଦେଖିବାକୁ ମିଳିବେ ନାହିଁ |





ବିଗତ ଦିନରେ ଓଡ଼ିଶାକୁ ଦୋହଲାଇ ଦେଇଥିବା ଫାଇଲିନ୍ ମହାବାତ୍ୟା ଏବଂ ପରେ ପରେ ବନ୍ୟା ହେବା ହେତୁ ଏହି ସବୁ ଅଞ୍ଚଳରୁ ହରିଣ ମାନେ କିଛି ଦିନପାଇଁ ଦେଖିବାକୁ ମିଳିନଥିଲେ | ସେଥିପାଇଁ ପରିବେଶ ସୁରକ୍ଷାକର୍ମୀମାନେ ଆତଙ୍କିତ ହୋଇ ପଡ଼ିଥିଲେ | କିନ୍ତୁ ଏହି କିଛି ଦିନ ହେବ ଏହି ମୃଗମାନେ ପୁଣିଥରେ ଏହି ସବୁ ଅଞ୍ଚଳରେ ଆସି ବିଚରଣ କରୁଥିବା ଦେଖି



ଗ୍ରାମବାସୀମାନେ ଆଶ୍ୱସ୍ତ ଅନୁଭବ କରୁଛନ୍ତି ।

ଏହି ଅଞ୍ଚଳକୁ ଯିବାକୁ ହେଲେ ବ୍ରହ୍ମପୁରଠାରୁ ଆସ୍କା ଏବଂ ବୁଗୁଡ଼ା ରାସ୍ତାରେ ପ୍ରାୟ ଦଶ କିଲୋମିଟର ଯିବାପରେ ମହାରାଜପୁର ଛକଠାରୁ ବାମପାଖ ରାସ୍ତାରେ ଆଗକୁ ଗଲେ, ସେଠାରେ ଥିବା ବିସ୍ତୀର୍ଣ୍ଣ ପ୍ରାନ୍ତର ମାନଙ୍କରେ ଏହି ହରିଣମାନେ ବିଚରଣ କରୁଥିବା ଦେଖିହେବ | ବ୍ରହ୍ମପୁରଠାରୁ ଆସ୍କା ଓ ବୁଗୁଡ଼ା ଯିବାପାଇଁ ବସ ସୁବିଧା ରହିଛି | ଦ୍ବିଚକ୍ର ଯାନରେ ମଧ୍ୟ ଆପଣ ଯାଇପାରିବେ | ବ୍ରହ୍ମପୁର ଠାରୁ ଦେଢ଼ ଘଣ୍ଟାର ଯାତ୍ରା କରିବାପରେ ମହାରାଜପୁର ଛକଠାରୁ ଯାନବାହାନ ଯିବା ଯୋଗ୍ୟ ରାସ୍ତାରେ ୨-୩ କିଲୋମିଟର ଆଗକୁ ଗଲେ ଏହି ସ୍ଥାନରେ ପହଞ୍ଚି ହେବ | ସୂଚନାଯୋଗ୍ୟ ଯେ ଏହି ସ୍ଥାନରେ କୌଣସି ଦୋକାନବଜାର ନାହିଁ, ତେଣୁ ନିଜପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା ଆଗରୁ କରି ରଖିଥିବେ | ଯେଉଁ ସ୍ଥାନରେ ରହି ଆପଣ ହରିଣ ମାନଙ୍କୁ ଦେଖିବେ ସେଠାରେ ପ୍ରଦୁଷଣ କରିବେ ନାହିଁ | ଯଥା ଜରି, ପଲିଥିନ, ବିସ୍କୁଟ୍ ପକେଟ, କାଗଜ ଇତ୍ୟାଦି ପକାଇବେ ନାହିଁ | କୌଣସି ପଶୁକୁ ଡରାଇବା ଭଳି କାର୍ଯ୍ୟ କରିବେ ନାହିଁ | କୃଷ୍ଣସାର ମୃଗର ଶିଂଗ ବହୁତ ତୀକ୍ଷ୍ଣ ଥାଏ, ଭୟ ହେଲେ ସେ ନିଜ ଶିଂଗରେ ଆକ୍ରମଣ କରିବାକୁ ପଛାଏ ନାହିଁ, ତେଣୁ ସର୍ବଦା ନିଜେ ଓ ନିଜ ସାଥିରେ ଥିବା ଲୋକମାନଙ୍କ ସୁରକ୍ଷାପ୍ରତି ଯତ୍ନଶୀଳ ରହିବେ | ପ୍ରାଣୀମାନଙ୍କୁ କୌଣସି ଖାଦ୍ୟପେୟ ଜିନିଷ ଦେବେ ନାହିଁ | ମନେ ରଖନ୍ତୁ, ଯେଉଁ ପ୍ରାଣୀକୁ ଆପଣ କେବଳ ଚିଡ଼ିଆଖାନାର ରୁଦ୍ଧ କୋଠରୀରେ ଦେଖୁଥିଲେ ତାହା ଆପଣଙ୍କ ଠାରୁ ମାତ୍ର କେଇ ମିଟର ବ୍ୟବଧାନରେ ନିର୍ଭୟରେ ବିଚରଣ କରୁଥିବା ଦୃଶ୍ୟ ହୁଏତ ଆପଣଙ୍କ ପିଲାମାନେ କିମ୍ବା ସେମାନଙ୍କ ପିଲାମାନେ ଆଉ ଦେଖି ପାରିବେ ନାହିଁ | ତେଣୁ ସେହି ସବୁ ପ୍ରାଣୀମାନଙ୍କ ପାଇଁ ସଚେତନ ହେବେ ।



# ପାଠକୀୟ ପତ୍ର

ମହାଶୟ

ଆହ୍ବାନ (ସେପ୍ଟେମ୍ବର ୨୦୧୩ ସଂସ୍କରଣ) ସମ୍ପାଦକୀୟ ପାଠକଲି | ବାସ୍ତବିକ ତାହା ମନଛୁଆଁ ହୋଇଛି ଏବଂ ଅନେକ କିଛି ଶିଖିବାକୁ ମିଳିଛି | କିନ୍ତୁ ପଞ୍ଚମ ପୃଷ୍ଠାରେ ଯେଉଁ ଲେଖା ଅଛି 'କେହି ବାବା ୧୧୦୦ କୋଟିର ମାଲିକ ତ କିଏ ପୁଣି ଅଗଣିତ ଆଶ୍ରମର ମାଲିକ' | ଏଥିରେ ଅସୁବିଧା କଣ ? ଆଜିକାଲି ଆଉ ଲୋକେ ସମୟ ପାଉନାହାନ୍ତି କି ଯାଇ ପ୍ରବଚନ ଶୁଣିବେ | ଅନେକ ଲୋକ ଘରେ ବସି ତାହା ପାଇପାରୁଛନ୍ତି ଏବଂ ଯୋଗାଭ୍ୟାସ ମଧ କରିପାରୁଛନ୍ତି | ସମସ୍ତ ବାବା ଅସାଧୁ ନୁହନ୍ତି | ଆଜି ଯଦି ପ୍ରତ୍ୟେକ ଗାଁରେ ଯୋଗ କରୁଥିବା ଦେଖିବାକୁ ମିଳୁଛି, ତାହା କେବଳ ଯୋଗଗୁରୁ ରାମଦେବଙ୍କ ପାଇଁ | ଆମେ ଆଜି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ମଧ ଯୋଗ ବିଷୟରେ ପଢୁଛୁ |

ଆଉ ଗୋଟିଏ କଥା ଆମେ କେବଳ ଚାହିଁଲେ ବାବା ତ ହୋଇଯିବା, କିନ୍ତୁ ଭଲ ବାବା ହୋଇପାରିବା ତାହା ଏତେ ସହଜ ନୁହେଁ, ତା ପାଇଁ ଦରକାର ଅନେକ କିଛି, ଯେପରି ଅହଂକାର ପରିତ୍ୟାଗ, ଲୋଭ ତ୍ୟାଗ, ପରୋପକାର ଇତ୍ୟାଦି |

ବ୍ୟକ୍ତିତ୍ବକୁ ତଉଲିବାକୁ ହେଲେ ମାନବିକତା ସାହାଯ୍ୟରେ କରିବାକୁ ହେବ | ଏହା ଏକ କଷ୍ଟସାଧ ବ୍ୟାପାର |

ଯଦି ବାବା ରାମଦେବ ଆଜି ଟିଭିରେ ପ୍ରବଚନ ବା ଯୋଗାଭ୍ୟାସ ଶିଖାଉ ନଥାନ୍ତେ ଏବଂ ବଡ଼ ବଡ଼ ଯୋଗ ଶିବିରମାନ କରୁନଥାନ୍ତେ ତେବେ ଆଜି କେହି ଯୋଗ କରୁନଥାନ୍ତେ କିମ୍ବା ଅନେକ କମ ଲୋକ କରୁଥାନ୍ତେ | ତେଣୁ ଜଣେ ବାବାର ଯଦି ଅଧିକ ଟଙ୍କା ଅଛି ସେଥିରେ କିଛି ଅସୁବିଧା ନାହିଁ | ଆଜି ମଧ ଅନେକ ସାଧୁଲୋକ ଅଛନ୍ତି ଯେଉଁମାନେ କି ସମାଜର ମଙ୍ଗଳ ପାଇଁ କାମ କରୁଛନ୍ତି | ଯେଉଁମାନେ ଦୋଷୀ ସେମାନଙ୍କୁ ଦଣ୍ଡ ମିଳିବା ଦରକାର |

ଧନ୍ୟବାଦ

ଶଶିକାନ୍ତ ସାହୁ
ତୃତୀୟବର୍ଷ କଳା,
ମହିମା ମହାବିଦ୍ୟାଳୟ
ବିଜାପାଲି, ଝାରସୁଗୁଡ଼ା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

## ସମ୍ପାଦକଙ୍କ ପ୍ରତିକ୍ରିୟା :

ଶଶିକାନ୍ତ ବାବୁ ଆହ୍ବାନ ପତ୍ରିକାକୁ ପଢ଼ି ଏହା ଉପରେ ନିଜର ମତବ୍ୟକ୍ତ କରିଥିବା ହେତୁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ସମ୍ପାଦକୀୟରେ ଲେଖାଯାଇଥିବା ମନ୍ତବ୍ୟ କୌଣସି ଜଣେ କିମ୍ବା ଗୋଷ୍ଠୀବଦ୍ଧ ସାଧୁଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ଲେଖାଯାଇନଥିଲା । ଏଠାରେ ଏକ ସାଧାରଣ ମନୁଷ୍ୟର ଆକ୍ରୋଶ ଓ ମାନସିକ ବିକ୍ଷୋଦଗାରର ଉଲ୍ଲେଖ ଥିଲା । ଆମେ କାଳ କାଳରୁ ଜାଣିଛୁ, ସାଧୁ ହେଉଛନ୍ତି ସେହିମାନେ ଯେଉଁମାନେ ସାଂସାରିକ ସୁଖ ତ୍ୟାଗ କରି ବଣଜଙ୍ଗଲରେ ବସବାସ କରି ଭଗବାନଙ୍କ ଧ୍ୟାନରେ ସମୟ ବିତାନ୍ତି, ସେଇଥି ପାଇଁ ଚଳିତ ସମୟର କିଛି ସାଧୁଙ୍କୁ ଦେଖିଲେ ମନେ ସ୍ବତଃ ସନ୍ଦେହ ଆସେ ଏମାନେ କଣ ସତରେ ସାଧୁ, ଯେଉଁମାନେ ହେଲିକପ୍ଟରରେ ବସି ବିଦେଶ ଭ୍ରମଣ କରନ୍ତି, ନିଜ ଭକ୍ତମାନଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କ ସହ ଅଶାଳୀନ ବ୍ୟବହାର କରନ୍ତି ?

ରାମଦେବଙ୍କ ପୂର୍ବରୁ ବି ଯୋଗଶିକ୍ଷାର ବିଶାଳତା ଥିଲା, କେବଳ ଭାରତ ହିଁ ନୁହେଁ ବରଂ ବିଦେଶରେ ବି ଲୋକମାନେ ଯୋଗ ପ୍ରତି ସଚେତନ ଥିଲେ, ଏବଂ ଭାରତରେ ତତ୍କାଳୀନ ସମୟର ଅନେକ ଯୋଗ ଶିକ୍ଷକ ବିଦେଶରେ ବିଶାଳ ଯୋଗଶିକ୍ଷା କେନ୍ଦ୍ରମାନେ ଖୋଲି ଆମ ଭାରତର ଏହି ପ୍ରାଚୀନ ସ୍ବାସ୍ଥ୍ୟ ଓ ବ୍ୟାୟାମକଳାକୁ ବିଦେଶୀମାନଙ୍କୁ ଶିଖାଉଥିଲେ । ଯୋଗଗୁରୁ ରାମଦେବ କେବଳ ଏହାକୁ ଏକ ବିଶାଳ ଗଣମାଧ୍ୟମ (ଟିଭି)ରେ ଦେଖାଇବା ପରେ ଘରେ ଘରେ ଲୋକମାନେ ଯୋଗାଭ୍ୟାସ ପ୍ରତି ସଚେତନ ହୋଇଥିଲେ । ତେଣୁ ଏଥିପାଇଁ ସେ ନିଶ୍ଚୟ ଧନ୍ୟବାଦର ପାତ୍ର ।

କିନ୍ତୁ ସାଧୁ ଓ ଅର୍ଥ ଦୁଇଟି ବିପରୀତ ପଦାର୍ଥ । ତେଣୁ ଅର୍ଥଲୋଭ କେଉଁପରି ଜଣେ ସାଧୁଙ୍କ ସଂଜ୍ଞା ହୋଇପାରିବ । ସମ୍ପତ୍ତି ବୃଦ୍ଧିକରିବା ସାଂସାରିକର ଧର୍ମ, ସାଧୁଙ୍କର ନୁହେଁ । ଯଦି ଜଣେ ସାଧୁ ନିଜକୁ ବିଜ୍ଞାପିତ କରୁଥାନ୍ତି କିମ୍ବା କୌଣସି ପ୍ରକାର ବ୍ୟବସାୟ କରୁଥାନ୍ତି ତାଙ୍କୁ ଆମେ ସାଧୁ ବୋଲି କେମିତି କହିବା ? ସାଧୁ କିଏ ଏବଂ ତାଙ୍କର ସଂଜ୍ଞା କଣ ହେବା

ଉଚିତ ଏ ସବୁ ବିଷୟରେ ଚର୍ଚ୍ଚା କରିବାପାଇଁ ଆମର ସୀମିତ ଜ୍ଞାନ ଯଥେଷ୍ଟ ନୁହେଁ, ତେଣୁ ଆମେ ଯୁଗ ଯୁଗରୁ ରହିଆସିଥିବା କିଛି ପରିଭାଷାକୁ ନେଇ ହିଁ ସାଧୁଙ୍କ ପରିଚୟକୁ ଦେଖିବାକୁ ଚେଷ୍ଟା କରୁ | କେବଳ ଗେରୁଆ ବସ୍ତ୍ର ପିନ୍ଧିଲେ ଜଣେ ସାଧୁ ହୋଇପାରିବ ନାହିଁ | ସାଧୁର ମୁଖ୍ୟ ପରିଚୟ ହେଲା ସାଂସାରିକ ମୋହ ଓ ବନ୍ଧନରୁ ମୁକ୍ତି | ଯଦି ଆପଣ ଧ୍ୟାନ ଦେଇଥିବେ, ବିଗତ ଦିନରେ ଏହିପରି ଜଣେ ସ୍ବୟଂ ପ୍ରଚାରିତ ସାଧୁ ଓ ତାଙ୍କ ସୁପୁତ୍ରଙ୍କୁ ପୋଲିସ ଗିରଫ କରିଥିବା ଖବର ପଢ଼ିଥିବେ ଓ ଦେଖିଥିବେ ନିଶ୍ଚୟ |

ଆପଣ ବୋଧହୁଏ ଜାଣିଥିବେ କି ନା ମୁଁ ଜାଣେନି, କିନ୍ତୁ ଅନେକ ସାଧୁ ଯେଉଁମାନଙ୍କୁ ଆପଣ ହୁଏତ ପୂଜା କରୁଥାଇ ପାରନ୍ତି, କିମ୍ବା ସମ୍ମାନ ଦେଉଥାନ୍ତି, ସେମାନଙ୍କୁ ଦେଖା କରିବାପାଇଁ ଆପଣଙ୍କୁ ଅଗ୍ରୀମ ଅର୍ଥ ଦେଇ ଦର୍ଶନୀ ପାଇବାକୁ ହୋଇଥାଏ | ଏହା କେଉଁ ପ୍ରକାରର ବ୍ୟବସ୍ଥା ? ସାଧୁଙ୍କ ସତସଙ୍ଗ ଓ ପ୍ରବଚନ ଶୁଣିବା ପାଇଁ ଟିକେଟ୍ କରିବା କଣ ଉଚିତ ? ଯେଉଁ ସାଧୁମାନଙ୍କୁ ଆପଣ ଟିଭିରେ ଦେଖୁଛନ୍ତି ସେମାନଙ୍କୁ ବାସ୍ତବିକ ଜୀବନରେ ଆପଣ ଦେଖିବାର ସୁଯୋଗ ହୁଏତ ପାଇବେ ନାହିଁ, କାରଣ ଜଣେ ଜଣେ ସାଧୁଙ୍କ ପ୍ରବଚନ ଶୁଣିବା ଓ ତାଙ୍କୁ ନିକଟରୁ ଦେଖିବା ପାଇଁ ଲୋକମାନେ ହଜାର ହଜାର ଟଙ୍କା ଦେଇ ଟିକେଟ୍ କିଣୁଛନ୍ତି | ଏହା ସବୁ ଦେଖିବାପରେ ଧର୍ମ ନାଁରେ ବ୍ୟବସାୟ କରୁଥିବା ଏହି ଗୋଷ୍ଠୀକୁ ସାଧୁ ବୋଲି କହିବାକୁ ସାହାସ ପାଉନାହିଁ |

# ଜୀବନ ମୋ



ସନମ ଦେବୀ

ଜୀବନ ମୋ କିଛି ସତ କିଛି ପୁଣି ମିଛ
କିଛି ସ୍ୱପ୍ନ ସତ ଏଠି କିଛି ପୁଣି ମିଛ,
କିନ୍ତୁ, ସବୁ ମିଛରେ ଏଠି ଗୋଟିଏ ସତ
ତାହା ମୋ କାଳିଆ ରାଜାର ବଇଁଶୀ ସୂର - ୧

ଇନ୍ଦ୍ରଧନୁ ସତ ଏଠି ବରଷା ବି ସତ
ବରଷାର ଧାରା ପୁଣି ଚାତକର ସ୍ୱପ୍ନ,
ଗଙ୍ଗା ଏଠି ସତ ପୁଣି ସତ ସୂର୍ଯ୍ୟ ଚନ୍ଦ୍ର
ପ୍ରଭୁ ମୋ ପାଇଁ ତୁମେ ହିଁ ଏକମାତ୍ର ସତ - ୨

ହରିଣୀର ସାହା ହେଲ ଘୋର ଅରଣ୍ୟରେ
ଡାକ ମୋର ଶୁଣୁନାହଁ ଏହି ସଂକଟରେ,
ପଥିକ ମୁଁ ସଂସାରର ଘନ ଅନ୍ଧକାରେ
ତୁମେ ପ୍ରଭୁ ଆଶା ମୋର ଏହି ସଂସାରରେ - ୩

ସପନ ମୋ କିଛି ସତ କିଛି ପୁଣି ମିଛ
ତଥାପି ମୋ ସପନରେ ଆସ କାହିଁ ନାଥ,
କଳା ଯାଦୁଗର ତୁମେ ଜଗତର ନାଥ,
ତୁମେ ଏହି ଜଗତର ଏକ ମାତ୍ର ସତ - ୪

# ପ୍ରଥମ ପ୍ରେମ



ଅନିଲ କୁମାର ସେଠୀ

ସୁନେଲି ଓଠର ସେହି ହସରୁ
ଭାସି ଆସୁଥିଲା ପ୍ରେମର ସେହି ପହିଲି ଅନୁଭୂତି
ଆଖିର ସେହି କଜଳର ଧାର,
ଆଣି ଦେଉଥିଲା ମୋ ମାନେ ତୁମ ପାଇଁ ପ୍ରୀତି । ।

ଆଖି ଯାଇଁ ମିଶି ଫେରିଆସୁଥିଲା,
କୋଉ ଏକ ମିଠା ସନ୍ଦେସ ନେଇ
ମନେ ମନେ ହସି ଦେଉଥିଲି,
ତାର ସେ ଆଖିକି ଚାହିଁ । ।

ହୃଦୟରେ ମୋର ଖେଳି ଯାଇଥିଲା,
ମିଠା ଅନୁଭୂତି ପ୍ରଥମ ପ୍ରେମର
ଯେମିତି କୁଳ ଲଙ୍ଘି ଯାଉଛି ,
ଢେଉ ସାଗରର । ।

ମନ ମୋର ହେଉଥିଲା ଖୁସିରେ ପାଗଳ,
ମିଳିଗଲା ମୋତେ ମୋର ନାୟିକା ସପନର
ଯାହା ପାଇଁ ରାତି ମୋର ଯାଇଥିଲା କଟି
ଦିନରେମୁଁ ଦେଖିଥିଲି, ଯାହା ପାଇଁ ସପନ । ।

ମୋର ସପନ ସବୁ ହେଇଯାନ୍ତା କି ସତ,
ନ କହିବା ଆଗରୁ ବୁଝିନିଅନ୍ତା କି ମୋ ଆଖିର ଭାଷା
ରଖନ୍ତି ତାକୁ ପଲକେ ସଜାଇ,
ଭରିଦିଅନ୍ତି ତା ଜୀବନରେ ଖୁସି, ଆସୁ ପଛେ ଯେତେ ଝଡଝଞ୍ଜା । ।

# ଅଲୋଡ଼ା ପଥର



ଅନୁପମ ବେହେରା

ସବୁ ସହି ହେଇଯାଇଛି ପଥର, ମୁଁ ଏଇ ରାସ୍ତା କଡ଼ର
ବୋହି ବୋହି ସୁଖିଯାଇଛି, ମୋ ଆଖିରୁ ଲୁହର ଧାର--- ୧

କାହିଁ ହଜିଛି ପାଉନି, ମୋ ଓଠରୁ ହସର ଗାର
ନିଶ୍ଚଳ ହୋଇ ମୁଁ ସହୁଛି, ଦୁଃଖର ବେତ ପାହାର --- ୨

ଦଣ୍ଡ ମୁଁ ପାଇ ଚାଲିଛି, ଭୁଲ୍ ନ ହୋଇ ବି ମୋର
ସବୁ ସହି ହୋଇଯାଇଛି ପଥର, ମୁଁ ଏଇ ରାସ୍ତା କଡ଼ର --- ୩

ଭାଙ୍ଗିଗଲା ମୋ ହୃଦୟଟା, ଜାଣେନା କି ଦୋଷ ଥିଲା ତା'ର
ଝୁରୁଛି ଏ ମନ କାହାକୁ, ପଚାରିଲେ ଦିଏନା ଉତ୍ତର --- ୪

ଥକି ବସି ମୁଁ ଯାଇଛି, ଚାଲିବାକୁ ବଳ ନାହିଁ ମୋର
ଏ ଯାଏ ବସି ମୁଁ ଭାବୁଛି, ଭୁଲ୍ ପ୍ରକୃତରେ କାହାର --- ୫

ସବୁ ସହି ହୋଇଯାଇଛି ପଥର, ମୁଁ ଏ ରାସ୍ତା କଡ଼ର...

# ଏମିତି ଜିଇଁବି


ସିଲୁ ବେହେରା

ପ୍ରିୟତମା ମୋର କରିଦେଲ ମନା
ଭଲପାଇବନି ଜମା
ତୁମ କଥା ଶୁଣି ହୃଦୟ ମୋର
ହୋଇଛି ଗୋ ଚୁନାଚୁନା |୧|

ଭଲପାଅନାହିଁ ବୋଲିତ କହିଲ
ଦୁଃଖ ନାହିଁ ମୋ ଜୀବନେ
ଭଲପାଇ କେବେ ଭୁଲିକି ପାରିବି
ତୁମକୁ ଭଲପାଉଥିବି ଏ ଜୀବନେ |୨|

ହୃଦୟ ହୋଇଛି ଏତେ ଖଣ୍ଡ ଖଣ୍ଡ
ପାରିବେନି କେହି ଯୋଡି
ଭଲପାଇବାର ଚକ୍ରବ୍ୟୁହ ରେ
ଯାଇଛି ମୁଁ ଆଜି ପଡି |୩|

ଭାବିବନି କେବେ ବାହାନା କରୁଛି
ମିଛରେ ତୁମକୁ ଭଲ ମୁଁ ପାଉଛି
ଭଲପାଉଛି ମୁଁ ଭଲ ପାଉଥିବି
ତୁମ ସ୍ମୃତି ନେଇ ଏମିତି ଜିଇଁବି |୪|

# ମହାଧାର୍ମିକ



ସବିତା ସାମଲ

କାର୍ତ୍ତିକ ମାସ - କେତେ ବଡ଼ ପୂଣ୍ୟର ମାସ | ଏ ମାସରେ ନିରାମିଷ ଖାଦ୍ୟ ଗ୍ରହଣ କରି କାର୍ତ୍ତିକେୟଙ୍କୁ ପୂଜାକଲେ କୁଆଡ଼େ ସ୍ବର୍ଗରେ ସ୍ଥାନ ମିଳେ | ଶ୍ରୀମତି କୋଉ କାଳରୁ କାର୍ତ୍ତିକ କରି ଆସୁଛନ୍ତି | ସବୁଥରକ ଭଳି ଏଥର ବି ପୁରା ରାତି ତିନିଟାରୁ ଉଠି ଗାଧୋଇପାଧୋଇ କାର୍ତ୍ତିକ ମହାତ୍ମ୍ୟ ବହି ମାସ ସାରା ପଢୁଛନ୍ତି | ମାସ ସାରା ନିୟମ ନିଷ୍ଠାରେ ଅଛନ୍ତି, ଅଗାଢ଼ ଭକ୍ତି | ହେଲେ ଶ୍ରୀମତିଙ୍କର ସିଏ ମାସେ ସ୍ବାମୀ ଶ୍ରୀମାନଙ୍କର ଆମିଷପାଣି ନ ହେଲେ ତଣ୍ଟିରେ ଭାତ ଗଳେନି | ତା'ପରେ କାର୍ତ୍ତିକରେ ଆମିଷଦ୍ରବ୍ୟ ଶସ୍ତା ହୋଇଯାଉଛି | କିନ୍ତୁ କ'ଣ ହେବ, ଯେତେ ମନ ହେଲେ ବି ଶ୍ରୀମାନ ଚିକେନ୍ ମଟନ୍ ଆଡ଼େ ଆଦୌ ମନ ବଳାଉନାହାନ୍ତି | ଶ୍ରୀମତିଙ୍କର ସେଗୁଡ଼ାକ ପସନ୍ଦଦାର ଜିନିଷ | ମାଛ ଅଢ଼େଇଶ ନହେଲେ ଶୁଖୁଆଟିକେ ହେଲେ ବି ଚଳିଯିବ | ସ୍ବାମୀ ସେବା ନାରାୟଣ ସେବା | ସେ ପୂଜାପୂଜି ସାରି ଶ୍ରୀମାନଙ୍କ ଖାଇବା ନିମନ୍ତେ ପ୍ରତିଦିନ ନିହାତି ଭାବରେ ମାଛ ନ ହେଲେ ଶୁଖୁଆ ଭାଜି ଦିଅନ୍ତି | ପଚାରିବାରୁ ଶ୍ରୀମତି ଏପରି କହନ୍ତି ଭକ୍ତିର ସହିତ ପାଳନ କଲେ ମାଛ ଶୁଖୁଆ ଆଡ଼େ ମନ ଆଦୌ ବଳାଏନି | କିନ୍ତୁ ଶୁଖୁଆ କଣ ସେ କଥା ବୁଝୁଛି? ଏମିତି ବାସନା ହଉଛି ଯେ ମନ ଖାଲି ଭାତ କାଞ୍ଜିପାଣି ଓ ଶୁଖୁଆ ସପନ ଦେଖୁଛି | ହେଲେ ରମାମାଉସୀ ନାକଟାକୁ ଟେକି ଦେଇ କହୁଛି ଦେଖ ହେ ଏତେ ବଡ଼ କାର୍ତ୍ତିକରେ ଲୋକ କେମିତି ଖାଉଛନ୍ତି! 'ଲୁଚିଛି ନା ଗୋଡ଼ ଦିଟା ଦିଶୁଛି | ' କାଲି ମୁଁ ଦେଖିଛି - ଶୁଖୁଆ ବିକାଳିଠୁ ସବୁ ରକମର ଶୁଖୁଆ ରଖିଛ | ଯାହା କୁହ ମାନିଗଲି ଶ୍ରୀମତିଙ୍କର ଇନ୍ଦ୍ରିୟଦମନ | କାର୍ତ୍ତିକ ଦେବଙ୍କ ଖୁଶି ନ ହେବାର ଚାରା ନାହିଁ | ହେ ହେ କୋଉ କାର୍ତ୍ତିକ ଦେବ କଥା ଭାବୁଛ ? ଏ ଯେଉଁଟା ଟିଭିରେ ବାହାରୁଛି ? ଏକ ନମ୍ବର ଗୋଜାମୁହାଁ | ଏ ସିରିଏଲ୍ ବାଲା ଗୁଡ଼ାକ ଆଉ କାହାକୁ ପାଇଲେନି ନା କଣ ? ବହିରେ ଲେଖା ହେଉଛି କାର୍ତ୍ତିକ ଦେବ କାଳେ ବହୁତ ସୁନ୍ଦର | କିନ୍ତୁ ଏ ଲୋକଟା ତ ତାର ଅପଭ୍ରଂଶ | ଶ୍ରୀମତିଙ୍କର ଉକ୍ତି ଅକାଟ୍ୟ | ଯେତେବେଳେ ଦେଖୁଛନ୍ତି ବଡ଼କରି ମୁଣ୍ଡିଆଟିଏ ପକାଉଛନ୍ତି | ହଁ ମାନିଲେ ଠାକୁର ନ ମାନିଲେ ପଥର |

ଶ୍ରୀମତି ଏଥରକ ଶ୍ରୀମାନଙ୍କୁ ରୋକ୍‌ଠୋକ୍ ଶୁଣେଇ ଦେଇଛନ୍ତି ପଞ୍ଚୁକ ପାଞ୍ଚଦିନ ଶ୍ରୀମାନଙ୍କୁ ବି ମାନିବାକୁ ପଡ଼ିବ | ଶ୍ରୀମତିଙ୍କର ଆଜ୍ଞା ଶିରୋଧାର୍ଯ୍ୟ | ଆଜିଯାଏଁ ଶ୍ରୀମତିଙ୍କ କଥାକୁ କେବେ ହେଁ ଅବଜ୍ଞା କରିନାହାନ୍ତି | ପ୍ରେମ ଯାକୁ ହିଁ କହନ୍ତି ସ୍ବର୍ଗୀୟ ମିଳନ ପାଞ୍ଚଦିନ କଥା ଶ୍ରୀମାନ୍ କଷ୍ଟେମଷ୍ଟେ ଚଳେଇନେବେ |

ହାଟକୁ ଯାଇଥିଲେ ଶ୍ରୀମାନ ଗୋଟିଏ ଛେଳିଛୁଆକୁ ନେଇ ଆସିଛନ୍ତି | ଏ କଣ ? ଏଇଟା ପରା ଛାଡ଼ଖାଇ ଉପଲକ୍ଷେ | ଏଇ ପଞ୍ଚୁକରେ ଯାକୁ ଆଣିବାକୁ ଥିଲା? ଶ୍ରୀମତି ଛେଳିଟାକୁ ଦେଖି ଆଖି ପୁରା ଏଡୁଟାମାନ ହୋଇଗଲା | ବାରିଆଡୁ ତାଳପତ୍ର ଛିଡ଼େଇ ଆଣି ଖୁଆଇଦେଲେ | ଛେଳିଛୁଆଟା ଶ୍ରୀମତିଙ୍କର ମମତା ଦେଖି ଗଦ ଗଦ ହୋଇ ତାଙ୍କ ଦେହରେ ଘଷି ହୋଇଯାଉଛି | 'କେଡ଼େ ସୁନ୍ଦର ଡଉଲ ଡାଉଲ ହୋଇଛି | ବଢ଼ିଆ ମାଂସ ଝୋଳଟେ ହେବ | ' ଏହି ବାକ୍ୟଟି ଶ୍ରୀମତିଙ୍କ ଜିହ୍ବାରୁ ଯାଇ ଛେଳିର କାନରେ ଯେମିତି ପଡ଼ିଛି ଛେଳି ଛୁଆଟି ବିକଳରେ ଖାଲି ମେ ମେ ହୋଇ ଡିଆଁ ମାରିଲା | ପଞ୍ଚୁକ ପାଞ୍ଚଦିନ ବାହାରେ ସଂକୀର୍ତ୍ତନ ଛେଳିଛୁଆର ମେ ମେ ସକାଳୁ ସନ୍ଧ୍ୟା ଯାଏ | ପୁରା ଶବ୍ଦ ପ୍ରଦୁଷଣ | କାର୍ତ୍ତିକ ପୂର୍ଣ୍ଣିମା ଆସିଗଲା ଯାହାହେଉ | ବନ୍ଧୁବାନ୍ଧବ ସମସ୍ତେ ଆସିଛନ୍ତି | କଦଳୀ ପଟୁକାରେ ବୋଇତ ନିର୍ମାଣ | ଏଥରକ ଆମର ମାଉସୀ ବି ସାମିଲ୍ | ସେ ହେଉଛନ୍ତି ଶ୍ରୀମତିଙ୍କ ଭଉଣୀ | ତାଙ୍କ ଚିନ୍ତାଧାରା ଆଧୁନିକ | ପୋଷାକପତ୍ର ଚାଲିଚଳନ ସବୁକିଛି ଆଧୁନିକ | ସର୍ବମୋଟରେ ସେ ଜଣେ ଆଧୁନିକା ମହିଳା | ମାଉସୀ ଆପଣ ବି କାର୍ତ୍ତିକ କରିଛନ୍ତି ବିଶ୍ବାସ ହେଉନି | ସେ ତାଙ୍କ କହିବା କଥା ହେଲା କାର୍ତ୍ତିକ ମାସ ମାଧ୍ୟମରେ ଯଦି ଡାଏଟ୍ କଣ୍ଟ୍ରୋଲ୍ ଆଉ ଆନିମାଲ୍ ଫ୍ୟାଟ୍ ଶରୀରରୁ କମେଇ ହେବ ତା ହେଲେ କାହିଁକି ନୁହଁ | ହଁ ସେଇଟା ବି ସତ କଥା |

ସବୁ ହେଲା ଯେ ଏ ଛେଳିଟା ଦିନରାତି କାହିଁକି ମେ ମେ ହେଉଛି? ଗୁଗୁଲ୍ ସର୍ଚ୍ଚ କରି ପଶୁ ଭାଷାନ୍ତର ଦେଖିବା ବେଳକୁ କହୁଛି, 'ପ୍ରଭୁ ମୁଁ ତ ଆଜନ୍ମ ଶାକାହାରୀ ଏତେ ବଡ଼ ଧର୍ମମାସରେ ଲୋକ ଧର୍ମକରି ମୋର କାହିଁକି ବଳି ପକାଉଛନ୍ତି? କହିବାକୁ ଗଲେ ମୁଁ

ସବୁବେଳେ କାର୍ତ୍ତିକ କରୁଛି | ଏଇଟା ବି ମିଛକଥା ନୁହେଁ | '

ଖାଲି ଏତିକି ନୁହେଁ ଶ୍ରୀମତିଙ୍କର ଦୁଇ ବୋହୁବି ଏଥିରେ | ସାନ ନୂଆ ବୋହୁ କିଛି ବୁଝିଛି ନା ଖାଲିଟାରେ କାର୍ତ୍ତିକ ବାରୁଛି | 'ସତ କହିବି ମୁଁ କିଛି ବୁଝିନି ଶାଶୁ କହିଛନ୍ତି ସେଥିଲାଗି କରୁଛି | ' ବଡ଼ ନୂଆବୋହୁ ତମେ ତ ଆମିଷ ହେଲେ ପ୍ଲେଟ୍ ଖାଇଦେବା ଲୋକ, 'ଆଜିକାଲି ସବୁ ଦେଖେଇବା ଲାଗି କରିବାକୁ ପଡୁଛି | ଶାଶୁ ନହେଲେ କହିବେ କେମିତି କେଜାଣି ବାପାମା' କିଛି ସଂସ୍କାର ଶିଖେଇନାହାନ୍ତି | '

ସଂଧ୍ୟାର ସୂର୍ଯ୍ୟ ଭାରୀ ସୁନ୍ଦର | ଅତି ପ୍ରାକୃତିକ ମନୋରମ ଦୃଶ୍ୟ | ଠିକ୍ ଏଇ ସମୟରେ ଶ୍ରୀମତିଙ୍କର ଚିତ୍କାର ଶୁଭିଲା, 'ଟୋନି ଛେଳିଟାକୁ ରାମ୍ପୁଡ଼ିଦେଲା...' | ଟୋନି ଆମ ପରିବାରର ଅନନ୍ୟ ସଦସ୍ୟ, ଶ୍ରୀମତିଙ୍କର ଅତି ଆଦରର କୁକୁର | କାଲି ଛାଡ଼ଖାଇ, ଆଉ କଣ ହେବ ?

ଶ୍ରୀମାନ ଅବିଳମ୍ବେ ଘରୁ ବାହାରିଗଲେ ଅଭିଯାନରେ | କାଲିପାଇଁ ଯାହା ହେଲେ ଯୋଗାଡ଼ଯନ୍ତ୍ର କରିବାକୁ ପଡ଼ିବ | ସଞ୍ଜ ଗଡ଼ି ରାତି ହୋଇଗଲାଣି | ଥାଳିଆ ଭଳି ଚନ୍ଦ୍ର ନିର୍ମଳ ଆକାଶରେ ଉଇଁଛି, କି ସୁନ୍ଦର ହସଟିଏ | ହେଲେ ତାକୁ ଆଉ ଉପଭୋଗ କରିବାପାଇଁ କାହାର ମନ ନାହିଁ | ଆସନ୍ତାକାଲି ଆମିଷ କେମିତି ହେବ ସେଇ ଚିନ୍ତାରେ ଘରେ ଉଦାସୀନତା ଲାଗିରହିଛି |

# ମମତାର ଛାୟା



ସୁଷମା ତ୍ରିପାଠୀ

କପାଳରେ କୁଂଚିତ ରେଖାମାନ ଫୁଟି ଉଠୁଛି | ମୁହଁରୁ ବୟସର ଆଭାସ ବାରି ହୋଇପଡୁଛି | ଦେହର ଚମରେ ଭାଂଗ ଦେଖା ଗଲାଣି | ହେଲେ ଆଖି ଦୁଇଟି ତା'ର ଉଜ୍ଜ୍ୱଳତା ହରାଇ ନାହାନ୍ତି | ମୁହଁରେ ଲାଗି ରହିଥିବା ଚେନାଏ ହସ ସେ ଉଜ୍ଜ୍ୱଳତାକୁ ଆଉ ଟିକେ ବଢ଼ାଇ ଦେଉଛି | ବୟସର ହିସାବ ତା'ପାଖରେ ନାହିଁ | କାମ କଲାବେଳେ ଏବେ ବି ଫୁର୍ତ୍ତି | ସଭିଏଁ ତାକୁ ବୁଢ଼ୀ ବୋଲି ଡାକନ୍ତି | ମାନ ଅଭିମାନ ତା' ପାଖରେ ପଶନ୍ତିନି | ସମ୍ମାନର ଆବଶ୍ୟକତା ସେ କେବେ ଅନୁଭବ କରିନି | ବିଭିନ୍ନ ଘରେ କାମ କରି ସେ ନିଜର ଗୁଜୁରାଣ ମେଣ୍ଟାଇଥାଏ | କାହା ଘରେ ବାସନ ମାଜେ ତ କାହା ଘରେ ରୋଷେଇ କରେ | କୋଉ କାମକୁ ନା କରେନି, କି କୋଉ କଥାକୁ ଦେହକୁ ନିଏନି | ମନର କଷ୍ଟକୁ ମନରେ ମାରିଦିଏ, କାହାକୁ ବି ଜାଣିବାକୁ ଦିଏନି | ଦୁଃଖୀରଙ୍କ ଘରେ ଜନ୍ମ ହୋଇ କଥା ଧରିଲେ କଣ ଚଳିବା? ଜୀବନରେ ଅନେକ ଛୋଟ ବଡ ଘଟଣା ସହିତ ସିଏ ସାଲିସ୍ କରିନିଏ | ବାଙ୍ଗରା ହୋଇ ମଣିଷଟି, ଖଣ୍ଡିଏ ମୋଟା ଲୁଗା, ଆଣ୍ଠୁ ତଳ ପର୍ଯ୍ୟନ୍ତ ଘେରାଇ ପିନ୍ଧିଥିବ, ସାୟା, ବ୍ଲାଉଜ୍ ତାର ଦରକାର ହୁଏନି, ସେଥିରେ ମଧ୍ୟ ଦେହ ଟିକିଏ ବି ଫୁଂଗୁଳା ଦିଶୁ ନ ଥିବ | ଯେଉଁ ଦିନ ସହଳ କାମ ସରିଯାଏ, ବାହାରେ ଖେଳୁଥିବା ପିଲାମାନଙ୍କ ସଙ୍ଗେ ଖୁସି ଗପସପ ହେଉଥିବ |

ଦିନେ ସାହିର ଜଣେ 'ମା' ତାକୁ ପଚାରିଲେ "ଆଲୋ ବୁଢ଼ୀ, ମୋ ଝିଅର ପୁଅଟିଏ ହୋଇଛି | ପିଲାଟିର ଦେଖାଶୁଣା କରିବାପାଇଁ କେହି ଜଣେ ଦରକାର | ତୁ ଯାଇ ରହିବୁ ତା ପାଖେ ?"

ଝିଅ ରହେ କେଉଁ ଏକ ଦୂର ସହରରେ | ବୁଢ଼ୀ ଆଖି ଆଗରେ ନାଚି ଯାଉଥିଲା ଗୋଟିଏ ଗୁଲୁଗୁଲିଆ କଅଁଳା ଛୁଆର ଚେହେରା | ଛୁଆଟିକୁ ଦେଖିବା ପାଇଁ ମନ ଡାକୁଥାଏ | ହେଲେ କେଉଁ ଏକ ଅଜଣା ସହର, ପୁଣି ଏ ବୟସରେ ..................................... |

"କଣ ଭାବୁଛୁ? ତୋର କିଛି ଅସୁବିଧା ହେବନି | ଆମ ସାଙ୍ଗେ ଗାଡ଼ିରେ ଚାଲିଯିବୁ

| ସେଠି ଝିଅ ଘରେ ରହିବା ଖାଇବା ପିଇବା ସବୁ | ଆଉ ତୋର ଯାହା ନେବା କଥା ନେବୁ | ଝିଅ ଯେବେ ଏଠିକି ଆସୁଥିବ ତା ସଂଗେ ଚାଲି ଆସୁଥିବୁ, ବୁଲି ପଡ଼ି ପୁଣି ତା ସଙ୍ଗେ ଚାଲି ଯାଉଥିବୁ | ଜୋଇଁ ଆମର ଭାରି ଭଲ ଲୋକ, ଦେଖିବୁ ତୋର କିଛି ଅସୁବିଧା ହେବନି | ”

ଛୁଆର ମୁହଁ ଯେତିକି ଯେତିକି ଭାବୁଥାଏ, ବୁଢ଼ୀର ମନ ତା ଆଡ଼କୁ ସେତେ ଟାଣି ହୋଇଯାଉଥାଏ | ତାକୁ ଆଉ କୌଣସି ଭାବନା ଅଟକାଇ ପାରିଲା ନାହିଁ | 'ମା' ଯିବା ଦିନ ବୁଢୀ ସାଙ୍ଗରେ ବାହାରି ପଡ଼ିଲା | ଝିଅ ବୁଢ଼ୀ ପାଇଁ ଲୁଗା ପଟା ରଖି ଥିଲା | କହିଲା "ଯା ଗାଧୋଇ ପଡି ସଫା ଲୁଗା ପିନ୍ଧି ପକା | ପୁଅକୁ ଧରିବୁ ତେଣୁ ସବୁବେଳେ ସଫା ସୁତୁରା ରହିବୁ | କେମିତି ଗାଧୋଇ ପଡ଼ି ସଫା ଲୁଗା ପିନ୍ଧି ଛୁଆକୁ ଟିକେ ଧରିବ ସେଥିପାଇଁ ବୁଢ଼ୀର ତର ସହୁ ନ ଥିଲା | ଛୁଆକୁ କୋଳକୁ ନେଲା ବେଳକୁ ଖୁସିରେ ତାର ପାଦ ତଳେ ଲାଗୁ ନ ଥିଲା | ସରଗର ଚାନ୍ଦ ସତେ ଯେମିତି ତା ହାତରେ ଖସି ପଡିଛି ......... | ଏମିତି ନୁହେଁ ଯେ ତା କୋଳରେ ଛୁଆ ନ ଥିଲେ | ଭଗବାନ ତା କୋଳରେ ବି ଛୁଆ ଦେଇଥିଲେ | ହେଲେ ଦାରିଦ୍ର୍ୟର କଷାଘାତ ଭିତରେ, ସେମାନଙ୍କ ମୁହଁରେ ଦାନା ଟିକକ ଦେବା ପାଇଁ ତାକୁ ୟା, ତା' ଘରେ ପାଇଟି କରିବାକୁ ପଡ଼ିଥିଲା | ଏ ସବୁ ଭିତରେ ସମୟ କେତେବେଳେ ଗଡି ଚାଲିଥିଲା, ତା ପିଲାମାନେ ବଡ଼ ହୋଇ ସାରିଥିଲେ, ପୁଣି ତାଙ୍କ ପିଲାମାନେ ଆସି କେତୁଟାମାନ ହେଲେଣି, ତାର ହିସାବ ତା ପାଖରେ ନ ଥିଲା |

ନିଜ ପିଲାମାନଙ୍କର ଶୈଶବ ନିରେଖି ଦେଖିବା ତା ପାଇଁ ସିନା ସମ୍ଭବ ହେଇ ପାରି ନ ଥିଲା, ହେଲେ ଭଗବାନ ଆଜି ଯେମିତି ତା ମନ ଜାଣି ଏଇ ଛୁଆଟି ତା କୋଳକୁ ବଢ଼ାଇ ଦେଇଛନ୍ତି | ଆଜି ତା'ର କାମ କେବଳ ଏଇ ଛୁଆ ଧରିବା, ତାର ପାଖେ ପାଖେ ରହିବା | ସତରେ ସେ ମହାପ୍ରଭୁ | ସମସ୍ତଙ୍କ ମନ ଜାଣି କାମ କରୁଥାନ୍ତି | ମନେ ମନେ ଠାକୁରଙ୍କ ଉଦ୍ଦେଶ୍ୟରେ କେତେ ଦଣ୍ଡବତ ମାରୁଥାଏ |

ତା ହୃଦୟର ମମତାକୁ ଅଜାଡି ଦେଇଥିଲା ଏଇ ଛୁଆଟି ପାଖରେ | ଏଇ ଛୁଆଟି ହୋଇଯାଇଥିଲା ତାର ଦୁନିଆ | ଛୁଆର ହସ, ତାର କାନ୍ଦ, କେତେବେଳେ ହାତ ହଲାଇଲା, କେତେବେଳେ ଗୋଡ଼ ହଲାଇଲା, କେତେବେଳେ ମୁଣ୍ଡ ଟେକିଲାଣି ତ ପୁଣି କେତେବେଳେ କଡ଼ ଲେଉଟାଇଲାଣି, ପୁଣି ଚାହୁଁ ଚାହୁଁ ଓଠରୁ ଲାଳ ଗଡ଼ିଲାଣି, ବୁଢ଼ୀର ନଜରରୁ କିଛି ବି ବାଦ ପଡ଼େନି | ଏଇ ସବୁରେ ତ ତାର ଖୁସି | ଛୁଆ ସାଥିରେ କଣ କଣ ସବୁ ବକର ବକର କରି ଗପି ଚାଲିଥିବ | ଯେମିତି ତାର କେତେ ଦିନର ଗପ ବାକି ରହିଥିଲା | ଛୁଆ ବି ସବୁ ଶୁଣିଲା ଭଳି, ବୁଢ଼ୀ ମୁହଁକୁ ଚାହିଁ କଣ ମେଂମେଞ୍ଚେ ବାଜୁ ବାଜୁ ହୋଇ କହି ଯାଉଥିବ | କେଉଁଠି ବା ତା ପାଖରେ ସମୟ ଥିଲା ଏତେ ସମୟ ଛୁଆଟିଏ ସଂଗେ କଟାଇବା ପାଇଁ ? ହେଲେ ଗୋଟିଏ ଜିନିଷ ସହି ପାରେନି, ସେ ହେଲା ଛୁଆର କାନ୍ଦ | ଯେତେବେଳେ ଛୁଆ ରାହା ଧରି କାନ୍ଦି ବସେ ସତେକି ବୁଢ଼ୀର ପାଦତଳୁ ମାଟି ଖସି ଯାଏ | ତା'ର ବ୍ୟସ୍ତତା ଦେଖିଲେ ଜ୍ବାଇଁ ବାବୁ କହନ୍ତି, 'ବୁଢୀ ଏତେ ଛୁଆ ଜନ୍ମ କରିଛ, ହେଲେ ଛୁଆ କାନ୍ଦରେ ଏମିତି ବ୍ୟସ୍ତ ହୋଇପଡୁଛ ?'

ସକାଳୁ ଉଠିଲେ ବୁଢ଼ୀ ଆଗେ ନିଜେ ସଫା ସୁତୁରା ହୋଇ, ଛୁଆ କାମରେ ଲାଗିଯିବ | ସକାଳ ସୁର୍ଯ୍ୟ କିରଣ ଦେଖିଲେ ବୁଢ଼ୀ ମସିଣା ଖଣ୍ଡେ ବିଛାଇ ଦେଇ, ପୁଅକୁ ତେଲ ମାଲିସ୍ କରିବାକୁ ବସିପଡ଼େ | ଛୁଆ ସଂଗେ କଥା କହି କହି ଛୁଆକୁ ତେଲ ମାଲିସ୍ କରିସାରି, କପାଳରେ ଗୋଟେ ବଡ କଳା ଟିପା ଆଂକି ଦିଏ, କାହା ନଜର ଲାଗିବନି ବୋଲି |

ଛୁଆ ଯେମିତି ଚନ୍ଦ୍ରକଳା, ଭଳି ବଢ଼ି ଚାଲିଥିଲା, ବୁଢ଼ୀର ଦିନ ବି କେମିତି ଗଡ଼ି ଚାଲିଥିଲା ବୁଢ଼ୀ ପାଖରେ ତାର ହିସାବ ନ ଥିଲା | କେତେବେଳେ ଦିନ ହେଉଥିଲା ଆଉ କେତେବେଳେ ରାତି ହେଉଥିଲା, କିନ୍ତୁ ଛୁଆ କାମରେ ବୁଢ଼ୀର ହେଳା ନ ଥିଲା କି ଥକା ବି ନ ଥିଲା | ଛୁଆ ପେଟେଇଲାଣି ...... ଛୁଆ ଗୁରୁଣ୍ଡିଲାଣି ....... ଛୁଆ ବସିଲାଣି ......., ଏ ସବୁରେ ବୁଢ଼ୀର ଆନନ୍ଦ କହିଲେ ନ ସରେ | ଛୁଆ ଗୁରୁଣ୍ଡିଲେ, ବୁଢ଼ୀବି ତା ପଛରେ ଧାଇଁ

ଥିବ | କେଉଁଠି କଣ ପଡ଼ିଛି, ବୁଢ଼ୀ ଯେତେ ଗୋଟେଇ ଗାଟେଇ ଲୁଚାଉଥିବ, ଛୁଆ ଆଖିକୁ ସବୁ ଦେଖା ଯାଉଥିବ | ସବୁବେଳେ କୋଉଠୁ କଣ ଭିଡ଼ି ଆଣି ପାଟିରେ ପୁରାଉଥିବ, ଆଉ ବୁଢ଼ୀ ତାଠୁ କେତେ ଫିକର କରି ଛଡ଼ାଇ ଲୁଚାଉଥିବ | ଛୁଆର ଦେହ ଟିକେ ଖରାପ ହେଲେ ବୁଢ଼ୀର ନିଦ ହଜିଯାଏ | ଖାଇବା, ପିଇବା ରୁଚେନି, କେତେ ଠାକୁରଙ୍କ ପାଖରେ କେତେ କଣ ମନାସୀ ଯାଏ | ଛୁଆର ଦାନ୍ତ ଉଠିଲାଣି, ବୁଢ଼ୀର ଖୁସି ଯେତିକି, ଚିନ୍ତା ସେତିକି, କଣ କରିବ? ଛୁଆ ଯାହା ପାରୁଛି ଭିଡ଼ି ଆଣି ଚୋବାଉଛି | ତା ସାଙ୍ଗକୁ ଧରି ଧରି ଠିଆ ହେବା ଆଉ ପାଦ ପକାଇ ଚାଲିବାକୁ ଆରମ୍ଭ କଲାଣି, ବୁଢ଼ୀକୁ ଦଣ୍ଡେ ବି ଫୁରୁସତ୍ ନାହିଁ, ଟିକେ ମୁହଁ ବୁଲାଇ ଦେଲା ବେଳକୁ ପଡ଼ି କଚଡ଼ାଏ ଖାଇଲାଣି | ହେଲେ ବୁଢ଼ୀର ଖୁସି ଆଉ ଠାଏଁ | ଦରୋଟି ଭାଷାରେ କଥା ଆରମ୍ଭ କରୁଥିବା ଛୁଆ, ଖନେଇ ଖନେଇ ପ, ବ, କହୁ କହୁ ପୁଣି କେତେ ଦିନେକେ 'ବୁଦି', 'ବୁଦି' କହି ବସିଲାଣି | ବୁଢ଼ୀ ବି କାନେଇ ବସିଥିବ, ଛୁଆ ପାଟିରୁ ସେଇ ପଦକ ଶୁଣିବା ପାଇଁ |

......................................................................................

ଆଜି ଲାଲଟୁର ଜନ୍ମଦିନ | ତାକୁ ଅଠର ବର୍ଷ ପୁରିଯିବ | ରାତିରେ ଘରେ ପାର୍ଟି ଅଛି, ହେଲେ ଦିନବେଳା ସେ ତାର କିଛି ସାଙ୍ଗମାନଙ୍କ ସହିତ ହୋଟେଲ୍‌ରେ ଖାଇବାର କାର୍ଯ୍ୟକ୍ରମ ରଖିଛି | ସନ୍ଧ୍ୟାବେଳେ ସତ୍ୟନାରାୟଣ ପୂଜା | ବାହାରକୁ ଯିବା ଆଗରୁ କମ୍ପ୍ୟୁଟର୍ ପାଖରେ ବସି ସମୟ କଟାଉଥିଲା ଲାଲଟୁ | ଆଜି କାହିଁକି କେଜାଣି ସେ ବୁଢ଼ୀର କଥା ବାରମ୍ବାର ମନରେ ଆସୁଛି | ପିଲାଟି ଦିନରୁ ବହୁବାର ବୁଢ଼ୀର କଥା ବାପାମା'ଙ୍କ ଠାରୁ ଶୁଣିଛି, କିନ୍ତୁ ହେତୁ ପାଇବାଠାରୁ କେବେହେଲେ ଦେଖିବାର ସୁଯୋଗ ପାଇନି | ବୁଢ଼ୀ ବିଷୟରେ ଶୁଣି ଶୁଣି, ତାକୁ ଦେଖିବାର ଇଛା ମନରେ ଅନେକବାର ଆସିଛି | ଯେତେବେଳେ ସେ ପ୍ରଥମଥର ଆଈ ଆଗରେ ବୁଢ଼ୀକୁ ଦେଖିବାର ଇଛାପ୍ରକାଶ କରିଥିଲା ଆଈ କେଉଁଠୁ ବୁଝି ଆସି ଜଣାଇଥିଲେ, ବୁଢ଼ୀ ଆଉ ନାହିଁ, ଆର ପାରିକୁ ଚାଲିଗଲାଣି | ଏକଥା ଶୁଣିବାପରେ ଲାଲଟୁ ଯଦିଓ କାହାକୁ କିଛି କହି ନ ଥିଲା, ହେଲେ

ତା'ମନ ଭିତରେ ଗୋଟାଏ କିନ୍ତୁ ରହିଯାଇଥିଲା | ସେ ମନେମନେ ଭାବୁଥିଲା, ବୁଢ଼ୀ କେବେ ଗଲା, କେମିତି ଗଲା, ତାର ଖବର କାହା ପାଖରେ ନାହିଁ | ବୁଢ଼ୀର ଫୋଟୋଟିଏ ଖୋଜିଲେ ମିଳିବ ନାହିଁ | ଯେବେ କାମ ନ ପାରିଲା, ସମସ୍ତଙ୍କ ପାଇଁ ସେ ଅଲୋଡ଼ା ହୋଇଗଲା |

*ଆଜି ଯେତେବେଳେ ତା'ର ପରିଚିତ ମାନେ ତାକୁ ଜନ୍ମଦିନର ଶୁଭକାମନା ଜଣାଉଥିଲେ, ସେତେବେଳେ ସେ* ସେଇପାରିରୁ ବୁଢ଼ୀର ଶୁଭଆଶୀଷର ପ୍ରତୀକ୍ଷାରେ ଥିଲା | ମନ କହୁଥିଲା, ସେ ପାରିରୁ ପରୀଟିଏ ହୋଇ ଉଡ଼ି ଆସନ୍ତା କି, ଗଣ୍ଡ ଦେଶରେ ଚୁମ୍ବନଟିଏ ଆଙ୍କି ଦେଇ ଚାଲି ଯାଆନ୍ତା | ମନର ଏ ଭାବନା ସବୁକୁ ଲାଲଟୁ ନା କାହା ପାଖରେ ବ୍ୟକ୍ତ କରି ପାରୁଥିଲା, ନା ତାକୁ ଭୁଲି ପାରୁଥିଲା | ତଥାପି କେଜାଣି କାହିଁକି ମନ ତା'ର ଆସିବା ବାଟକୁ ଚାହିଁ ବସିଥିଲା | ନିଜକୁ ଆଚମ୍ଭିତ ବୋଧ କରୁଥିଲା, ଏସବୁ ଭାବନା ତା'ର ଏ କମ୍ପ୍ୟୁଟର୍‌ରେ ଖେଳୁଥିବା ଅତିଭୌତିକ ଖେଳ ସବୁର କରାମତି ନୁହେଁ ତ ଆଉ କଣ? କେମିତି ଏ ବିଚିତ୍ର ଭାବନା ସବୁ ତା ମନକୁ ଆସୁଛି |

କପାଳରେ କାହାର କୋମଳ ଚୁମ୍ବନ ସ୍ପର୍ଶରେ ଆଖି ଖୋଲିଗଲା ଲାଲଟୁର | ମା ହସି ହସି କହୁଥିଲେ, 'ବାପାରେ ଉଠିବୁନି କି? ଆଜି ପରା ତୋ ଜନ୍ମଦିନ | ପାର୍ଟିର ସବୁ ଖୁସି କଣ ସ୍ବପ୍ନରେ ଦେଖି ଦେଉଛୁ ନା କଣ ?'

ଲାଲଟୁର ଆଖି ଝରକା ସେପାଖେ ଉଙ୍କି ମାରୁଥିବା ସୂର୍ଯ୍ୟଙ୍କ ଉପରେ ପଡ଼ିଲା | ତାକୁ ଲାଗୁଥିଲା, ସୂର୍ଯ୍ୟଙ୍କର ହସ ହସ ମୁହଁ ଭିତରେ ବୁଢ଼ୀର ମୁହଁଟା ଦିଶିଗଲା ଭଳି | ଝରକା ବାଟ ଦେଇ ସୂର୍ଯ୍ୟଙ୍କ କଅଁଳିଆ କିରଣ ତା ପାଇଁ ନେଇ ଆସୁଥିଲେ ଅସଂଖ୍ୟ ଚୁମ୍ବନ, ଆଉ ଶୁଭକାମନା | ଅଲକ୍ଷରେ ଲାଲଟୁ ଓଠରେ ଖେଳି ଯାଉଥିଲା ହସର ଲହରୀ |

# ଝରକାର ଆରପାଖ



ଶିଳ୍ପଦା ସାମଲ

ଗଡ଼ି ଯାଉଥିବା ସନ୍ଧ୍ୟା ସମୟରେ ଝରକାର ଆର ପାଖ ଦେଇ ଲୁଚି ଯାଉଥାନ୍ତି ସୂର୍ଯ୍ୟ ବସ୍ତିର ସେ ଛୋଟ ଚାଳ ଘର ପଛପଟରେ | ସନ୍ଧ୍ୟା ଦେଇ ମା ଚାଲିଯାଆନ୍ତି ରୋଷେଇ ଘରକୁ ଆଉ ମୁଁ ବସିଥାଏ ଝରକାର ରୋଲିଂକୁ ପାରି କରି ବସ୍ତିର ସେ ନୂଆଁଣିଆ ଚାଳଘରକୁ ଚାହିଁ କରି | ସେ ଘରର ପ୍ରତେକ ଲୋକ ମୋ ପାଇଁ ଅଜଣା କିନ୍ତୁ ଝରକାର ରୋଲିଂ ଦେଇ ଏକ ଅଦ୍ଭୁଦ ସମ୍ପର୍କ ମୋର ଗଢ଼ି ଉଠିଛି | ଘରର କୋଣ ଅନୁକୋଣ ସହିତ ମୁଁ ଯେମିତି ପରିଚିତ | ସେ ଘରେ ଗୋଟେ ଛୋଟ ପିଲାଟିଏ ରହେ ଯିଏ କି ସେ ଘରର ଏକ ମାତ୍ର ସମ୍ପତି | ବାକି ସ୍ବାମୀସ୍ତ୍ରୀ ଦୁଇ ଜଣ କାମ କରନ୍ତି | ସେ ପିଲାଟିକୁ ପାଠ ପଢ଼ିବାକୁ ପଠାନ୍ତି ପାଖ ସରକାରୀ ବିଦ୍ୟାଳୟକୁ | ତାକୁ ଦେଖିଲେ ଲାଗେ ସେ ତା ଜୀବନର ଅର୍ଥଟିକୁ ବୁଝି ଜନ୍ମ ନେଇଛି | ତା'ର ଚାଲି ଦେଖିଲେ ଲାଗେ କେତେ ସନ୍ତର୍ପଣରେ ସେ ଗଢ଼ା ହେଇଛି | ସେ ଶାନ୍ତ ସ୍ବଭାବର ପିଲାଟିଏ | ସନ୍ଧ୍ୟା ସମୟରେ ସେ ପଢିବାକୁ ଯାଏ ବାସ୍ ସେ ଗଲା ବେଳେ ତାକୁ ମୁଁ ଦେଖିଛି | ଡ଼ାକି କି ତା ନାଁ ସେ କେଉଁଠି ପଢ଼ୁଛି କେମିତି ପଢ଼ୁଛି ପଚାରି ଥିଲି ସେବେ ଠାରୁ ସେ ଗଲାବେଳେ ମୋତେ ଅନେଇ ପଚାରେ ଦିଦି ବସିଛ ମୁଁ ହସି ଦେଇ କହେ କଣରେ ବୁଟୁ ପଢ଼ିବାକୁ ଚାଲିଲୁ | ସେ କହେ ହଁ ଦିଦି | ସେ ପ୍ରାୟ ରାତି ଆଠଟାକୁ ଫେରେ ରାତି ୧୧ ରୁ ୧୨ଟା ଯାକେ ସେ ପଢ଼େ ଝରକାର ଆରପାଖ ଦେଇ ତା' ଘରର ଝାପସା ଆଲୁଅଟି ଭାସି ଆସେ ତା'ର ସନ୍ଧ୍ୟାରେ ସେ କହେ ଦିଦି କାଲି ବହୁତ ପାଠଥିଲା ପଢ଼ୁ ପଢ଼ୁ ଡେରି ହେଇଗଲା |

ଛୋଟ ପିଲା ନିରିହ ନିଷ୍ପାପ ମନ ତାର ସେ ହସି ଦେଇ ଯିବା ଆସିବା କରିବା ଭିତରେ କେତବେଳେ ଛୋଟ ସମ୍ପର୍କର ସେତୁବନ୍ଧ ଟିଏ ଗଢ଼ି ଚାଲିଥିଲା ମୁଁ ଜାଣିପାରିନଥିଲି | ଯେଉଁ ଘର ତଳେ ମୁଁ ସୁର୍ଯ୍ୟାସ୍ତ ଦେଖୁଥିଲି ସେ ଘରର ଅସ୍ତ ଦିନେ ମୁଁ ଦେଖିବି ଏ କଥାଟା ମୋ ଚିନ୍ତାର ଏକାନ୍ତ ବାହାରେ ଥିଲା | ପ୍ରାୟ ସେଦିନ ଗୁରୁବାର ଥିଲା ସନ୍ଧ୍ୟା ସମୟ ଗଡ଼ି ଚାଲିଥିଲା କିନ୍ତୁ ବୁଟୁ ଆଉ ତା' ପାଠ ପଢ଼ା ଲାଗି ବାହାରିଲାନି କିନ୍ତୁ ଘର ର ଲାଇଟ୍ ସେମିତି ରାତି ସାରା ଦେଖା ଯାଉ ଥିଲା | ମନଟା ଭାରି ଅସ୍ଥିର ଲାଗୁଥିଲା | ସେ ରାତିଟା

ବହୁତ କଷ୍ଟରେ କଟିଲା | ତା ପରଦିନ ବି ଅପେକ୍ଷା କଲି କିନ୍ତୁ ସେ ଗଲାନି | ସେ ପରିବେଶଟି ବହୁତ ଶାନ୍ତ ଆଉ ଗମ୍ଭୀର ଲାଗୁଥିଲା | ନିଜକୁ ଆଉ ସମ୍ଭାଳି ନ ପାରି ମୁଁ ଘରକୁ କାମ କରିବାକୁ ଆସୁଥିବା ସ୍ତ୍ରୀଲୋକ କୁନୁକୁ ନେଇ ବୁଟୁର ଘର ଆଡ଼େ ମୁହାଁଇଲି | ରାସ୍ତାରେ ହଠାତ୍ କୁନୁ କହିଲା ଦିଦି ତୁମେ ସେ ହରିଆର ଘର ଆଡ଼େ କାହିଁକି ଯାଉଛ ସେ ପରା ୨ଦିନ ହେଲା ତା ସାଙ୍ଗର ଭଉଣୀକୁ ନେଇ ପଳେଇଛି | ତା ସ୍ତ୍ରୀ ସାବି ଯାହା ଭାବୁଥିଲା ସେଇଆ ହେଲାପା...... ସେ ହରିଆ ଟା ପା ଭାରି ଖରାପ୍ ଲୋକ୍ ଥିଲା ଲ ମା | ସେ ପରା ସାବିକୁ କଉଠୁ ଉଡ଼େଇ ଆଣିଥିଲା | ସାବି ଜୀବନର ତାଡ଼ନାକୁ ସହି ପାରୁନଥିଲା କି ହରିଆକୁ ବୁଟୁ କଥା ଭାବି ପଦେ କହି ପାରୁନଥିଲା ମୁହଁ ଖୋଲି ସେ | ଦିଦି ସେ ଭାରି କାନ୍ଦେ ବୁଟୁଟା ଭାରି ସୁନ୍ଦର ପିଲାଟେ ମା'ର ସବୁ ଦୁଃଖ ବୁଝି ପାରେ ସେ | କୁନୁର କଥା ସରିବା ଆଗରୁ ଆମେ ବୁଟୁର ଘର ଆଗରେ ପହଞ୍ଚିସାରିଥିଲୁ | ଅଧା ଭଙ୍ଗା କବାଟଟିକୁ ଖୋଲିବାକୁ ଚେଷ୍ଟା କରି କୁନୁ ଠେଲି ଦେଲା ସେ କବାଟଟିକୁ | ବୁଟୁକୁ ଦେଖିଲି ମୁଁ ସେ ମୋତେ ଆବାକ୍ ହୋଇ ଚାହିଁଥିଲା କଣ ଭାବୁଥିଲା ଖୁସି ହେବ ନା ଆଖିରେ ଆଖିଏ ଲୁହ ନେଇ କାନ୍ଦିବ | ସେ ସ୍ଥିର ହୋଇ ଗଲା ହଠାତ୍ ମୁଁ କୁନୁ ସବୁ ଅନେଇଛୁ ତାକୁ ବୁଲି ଦେଖିଲୁ ସାବିର ଏକ ନୂଆ ରୂପ ବିଧବା ବେଶର ସାଧା ଶାଢ଼ୀର ନୂଆ ରୂପ | ହଠାତ୍ କୁନୁ ପଚାରି ଦେଲା ଆଲୋ ସାବି ତୋର ଏ କି ରୂପ | ସେ କହିଲା ମୋ ପିଲାକୁ ସେ ନାଁ ଦେଇଛି ସେତିକି ବହୁତ | ସାବିର କଥାରେ ଥିଲା ଏକ ଅହେତୁକ ସାହସ | ଜୀବନର ଏକ ନୂଆ ରୂପରେ ଦେଖିବାକୁ ଚେଷ୍ଟା କରୁଥିବା ସବଳା ନାରୀଟିଏ | ମୁଁ ଜାଣିନି ବୁଟୁ କଣ ବୁଝିଲା କିନ୍ତୁ ସରୁ ହସ ଧାରଟେ ମୁଁ ଦେଖୁଥିଲି ତାର କୁନି ଓଠରେ ସେ ହସ ଥିଲା ନିରୀହ ନିଷ୍ପାପ | ହଠାତ୍ ସାବିର ନଜର ପଡ଼ିଲା ମୋ ଉପରେ ସେ କହିଉଠିଲା ଆରେ ଦିଦି ଆପଣ ମୋ ଘରେ ଆଉ ଏତେ ବେଳରୁ ମୁଁ ବସିବାକୁ ବି କହିନି | ମୁଁ ସାବିକୁ ଦେଖିଥିଲି ସେ କହିଲା ଦିଦି ଆପଣ ଭାବୁ ଥିବେ ମୁଁ ଚିହ୍ନିନି ଆପଣଙ୍କୁ | ମୁଁ ଭାବୁ ଥିଲି କଣ କହିବି ସାବି କହିଚାଲିଥିଲା ବୁଟୁ ପରା ଆପଣଙ୍କ କଥା ନିଇତି ଗପୁଛି | କହୁଛି ଆପଣଙ୍କ ପରି ସରକାରୀ

ଚାକିରୀ କରିବ | ହେଲେ ଏତେ ପାଠ ପଢ଼େଇବାକୁ ମୁଁ ସମର୍ଥ ହେଲେ ତ | ମୁଁ ଥିଲି ନିରୁତ୍ତର | ଦ୍ବନ୍ଦରେ ଥିଲି ସତରେ କଣ ସାବି ବାହା ହେଇଥିବା ମଣିଷଟିକୁ ଗୋଟେ ଦିନରେ ସମାଧି ଦେଇ ପାରିଲା ତ ଭିତରେ | ତା'ଜାଗାରେ ଯଦି କେହି ଉଚ୍ଚ ଶିକ୍ଷିତ ଝିଅ କଣ ଏତେ ସାହସ କରିପାରିଥାନ୍ତା | ମୁଁ ଭାବି ପାରୁନଥିଲି ସାବିକୁ କଣ କହି ସାବାସି ଦେବି | ପ୍ରକୃତରେ ସେ କଣ ରାଷ୍ଟ୍ରପତି ପୁରସ୍କାର ପାଇବା ଯୋଗ୍ୟ ନୁହେଁ | ମୁଁ  ବୁଟୁର ଦିଦି ଦିଦି ଡାକରେ ପ୍ରକୃତିସ୍ଥ ହେଲି | କହିଲା ଦିଦି ମୁଁ ଏ ବର୍ଷ ଅଷ୍ଟମ ଶ୍ରେଣୀରେ ପଢ଼ିବି | ମୁଁ ହସିଦେଲି କହିଲି ସାବି ତୁମେ ବ୍ୟସ୍ତ ହୁଅନି ତୁମ ପୁଅ ବହୁତ ପଢିବ ସେ ଯାହା ଚାହିଁବ ପଢିବ | ତାକୁ ମୁଁ ପଢ଼େଇବି | ମୋ କଥା ପଦରେ ସାବି ହାତ ଯୋଡି କାନ୍ଦି କହିଲା ଦିଦି ଦେଖିବ ମୋ ପୁଅ ଖୁବ୍ ନାଁ କରିବ | ମୋ ପାଟିରୁ ଆପେ ବାହାରି ଆସିଲା ହଁ ସେଇଆ ହିଁ ହେବ | ବାହାରିଲା ବେଳେ ବୁଟୁ କହିଲା ଦିଦି ମୁଁ ଆଜି ପଢ଼ିବାକୁ ଯିବି ସନ୍ଧ୍ୟାରେ ମୁଁ କହିଲି ହଁ ତୁ ପଢ଼ିବୁ | ତା ଖୁସି ଥିଲା ଅସରନ୍ତି ଆକାଶର ଅଗଣିତ ତାରା ପରି | ଆଉ ସାବିର ଆର୍ଶୀବାଦ ଢଳା ଛଳ ଛଳ ଆଖିରେ ମୁଁ ଦେଖୁଥିଲି ତା ସୁନିଶ୍ଚିନ୍ତ ଭବିଷ୍ୟତ | ସମୟ ଠିକ୍ ବହିଯାଉଥିବା ଜଳର ତରଙ୍ଗାୟୀତ ରାଶି ପରି କାହାକୁ ସେ ଅପେକ୍ଷା କରେନି | ଯା ଭିତରେ ଚଉଦ ବର୍ଷ ଗଡ଼ି ଗଲାଣି | ସେ ବୁଟୁ ଏବେ  ଗୋଟେ private companyର state HR ତା ଘର ଏବେ କୋଠା ଘରରେ ପରିଣିତ ହୋଇ ସାରିଛି | କେତେ କମ ସମୟ ଭିତରେ ଏତେ ବଡ ସଫଳତା ପାଇବା ଭାଗ୍ୟର କଥା | ଆଜି ବି ମୁଁ ଝରକା ସେପାଖରୁ ଦେଖେ ତା'ର ଘରକୁ | ମନେ ପଡ଼େ ସବୁ କଥା | ବୁଟୁ  school college  ସମୟରେ ଆସେ ଘରକୁ ସାବି ସହିତ କିନ୍ତୁ ଏବେ ସେ ଏକା ଆସେ ଚାକିରି କଲାପରେ | ସାବି ବି ତା ଇଛା ହେଲେ ଆସେ ବହୁତ ସମୟ ଯାକେ ବସି ଗପେ ଚା ପିଏ ଯାଏ | ବୁଟୁର ଏବେ ଦିନରେ ସମୟ ହୁଏନି | ସେ ପ୍ରାୟତଃ ରାତିରେ ହିଁ ଆସେ | ଚାକିରୀ କଲା ପରେ ବୁଟୁ ଆଉ ଖାଲି ହାତରେ ଆସେନି ଯୋଯ ପାଇଁ କିଛି ନା କିଛି ଆଣି କରି ଆସି ଥାଏ | ବୁଟୁର ପାଠ ପଢା ରେ ମୋତେ କିଛି ବେଶୀ ପଇସା ଖର୍ଚ୍ଚ କରିବାକୁ ପଡ଼ିନି |

ସେ +୨ ପଢ଼ିଲା ବେଳେ ହର୍ଷଙ୍କ ପାଖରେ ପଢିଲା | ହର୍ଷ ବୁଟୁ ଲାଗି କେବେ ମୋ ସହିତ ଯୁକ୍ତି କରିନାହାଁନ୍ତି ବରଂ ସବୁବେଳେ ଆଗ୍ରହର ସହିତ ତାକୁ ଆପଣେଇଛନ୍ତି | ହର୍ଷ ଜଣେ ଗଣିତ ପ୍ରଫେସର୍ ମୁଁ ସବୁବେଳେ ଭାବେ ବିବାହ ପୂର୍ବରୁ ସେ ଖାଲି ପଇସା ହିସାବ କରୁଥିବେ କିନ୍ତୁ ସେ ଥିଲେ ମୋ କଳ୍ପନାର ବିପରୀତ | ବୁଟୁକୁ ପଢ଼େଇବାକୁ ମୁଁ କହିଥିଲି କିନ୍ତୁ ତା'ର ପ୍ରତ୍ୟେକ ଦାୟିତ୍ୱ ସେ ହିଁ ବହିଥିଲେ | ତା'ର B.sc, M.B.A ସବୁ Government college Universityରେ ସରିଗଲା ତା'ର ପଢ଼ାରେ ସର୍ବ ମୋଟ ଟଙ୍କା ୫୦,୦୦୦ ଖର୍ଚ୍ଚ ବି ହେଇନି | ସେ ନିଜେ ପିଲାଙ୍କୁ ପାଠ ପଢ଼େଇବା ଆରମ୍ଭ କରି ଦେଇ କିଛି ଖର୍ଚ ବି ଉଠଉ ଥିଲା ସେ ଯେବେ ଦରକାର ହୁଏ ସେ କହିବା ଆଗରୁ ହର୍ଷ ତା କଥା ବୁଝି ଦିଅନ୍ତି | ହର୍ଷ ବୁଟୁକୁ ବହୁତ ଭଲପାଆନ୍ତି କହନ୍ତି ପ୍ରକୃତ ଭଲ ପିଲାଟିଏ | ଆଜି ସେ ବିବାହ ବୟସରେ ପହଞ୍ଚିଲାଣି | ବହୁତ ଦିନ ପରେ ମୁଁ ଆଜି ସାବି ଆଖିରେ ଲୁହ ଦେଖିଲି ସେ କାନ୍ଦୁଥିଲା କହିଲା ଦିଦି ତୁମେ ନଥିଲେ ମୁଁ ବୁଟୁ କଣ କରିଥାନ୍ତୁ | ମୁଁ ଭାବୁଥିଲି ସତ କହିବି କି ସେ ହିଁ ମୋତେ ସାହସ ଦେଇଥାଲା ମୁଁ ନଇଁ ଯାଇଥିଲି ସାବିର ଜିଦ୍ ଆଗରେ | ସେଇଟା ମୋ ଦୟା ନଥିଲା ଥିଲା ମୋ ସ୍ବାର୍ଥର ଆଉ ଏକ ଅଂଶ | ସାବି କାହିଁକି ନିଜକୁ ଏତେ ଜଲଦି ଆଉ ଜିଦ୍‌ରେ ବିଧବା କରିପାରିଥିଲା | ସେ ଦିନ ରାତିରେ ମୁଁ ତା ଉତ୍ତର ପାଇଥିଲି ହର୍ଷଙ୍କ ପାଖରୁ | ବୁଟୁକୁ ବାପର ପରିଚୟ ଦେଇଥିଲା ହରିଆ କିନ୍ତୁ ହରିଆ ଜଣେ ବିବାହିତ ପୁରୁଷ ଥିଲା | ବାସ୍ ନିଷ୍ପାପ ବୁଟୁର ପରିଚୟ ପାଇଁ କେବଳ ହରିଆ ବାହା ହେଇଥାଲା ସାବିକୁ କିଛି ପଇସା ଲୋଭରେ | ଯେଉଁ ପଇସା ତାକୁ ଦେଉଥିଲେ ପ୍ରତ୍ୟେକ ମାସରେ ହର୍ଷ | ଯେଉଁ ଭୁଲ୍‌କୁ ଲୁଚେଇଥିଲେ ହର୍ଷ ଭାଗ୍ୟର ବିଡ଼ମ୍ବନାରେ ସେ ଲୁଚେଇ ପାରିନଥିଲେ ମୋ ଆଗରେ | ସେ ଜୀବନର କଷଟି ପଥରରେ ମାଡ଼ ଖାଇ ଚାଲିଥିଲା | ଅଭିଶପ୍ତ ଲାଗୁଥିଲା ମୋତେ ମୋ ଜୀବନ | ପ୍ରଶଂସା ଲାଗୁଥିଲା ମୋତେ ବିଷ ପରି | ବିବାହର ଗୋଟେ ବର୍ଷ ପୂର୍ବରୁ ହର୍ଷ ଏକା ରହୁଥିଲେ ସେ ଘରଟିକୁ ଏକା କିଣି | ସାବି ଅନାଥ ଛୁଆଟିଏ କାମ କରୁ ଥିଲା ସବୁ ଘରେ | ପଇସାର ଲୋଭରେ ସେ ଟାଣି ହୋଇ

ଆସିଲା ହର୍ଷଙ୍କ ବିଛଣାକୁ | ହର୍ଷଙ୍କ କ୍ଳାନ୍ତ ଶରୀର ଭୋଗ କରୁଥାଲା ସାବିର  କୋମଳ ଶରୀରର ପ୍ରତେକ ଅଂଶକୁ  | ସେଇଟା ନ ଥିଲା ଭଲ ପାଇବା ଥିଲା ଖାଲି ୨ଟି ଶରୀରର କ୍ଳାନ୍ତି ମେଣ୍ଟାଇ କିଛି ପଇସା ରୋଜଗାର ବାହାନା | କିଛି କ୍ଷଣର ସୁଖର ପରିଣତି ଥିଲା ବୁଟୁ ଯାହାକୁ ହର୍ଷଙ୍କ ବିବେକ୍ ବାଧା ଦେଇଥିଲା ନଷ୍ଟ କରିବାକୁ | କିନ୍ତୁ ବିକି ଦେଇଥିଲେ ହରିଆକୁ ସମାଜର ଡରରେ | କିନ୍ତୁ ନିଜ ଅଂଶ ପ୍ରତି ଲୋଭର କାରଣରୁ ସେ ଦୁରେଇ ପାରିନଥିଲେ ଏ ଘରୁ କି ସାବିକୁ ନିଜ ଆଖି ସାମ୍ନାରୁ  | ଯାହାକୁ ସେ ଦେଖୁଥିଲେ ଝରକା ପାଖରୁ | ସାବିର ସଙ୍କୋଚ ପଣିଆ କେବେ ହର୍ଷଙ୍କ ଆତ୍ମ ସମ୍ମାନ ଉପରେ ପ୍ରଶ୍ନ ଆଣି ନଥିଲା | କିନ୍ତୁ ମୋ ସ୍ବାଭିମାନକୁ ପ୍ରଶ୍ନ କରୁଥିଲା | କିନ୍ତୁ ମୁଁ ଛାଡ଼ି ପାରିନଥିଲି ଯୋଯୋ ଲାଗି | ଏ ଥିରେ ବୁଟୁର କି ଯୋଯୋର ଦୋଷ କଣ ମୁଁ ଯୋଯୋକୁ ଆଉ ଗୋଟେ ବୁଟୁ ବନେଇଆକୁ ଚାହୁଁ ନଥିଲି | କି ତା ପିଲାଦିନକୁ ନଷ୍ଟ କରିବାକୁ ଚାହୁଁନଥିଲି | ମୋ ଅନୁପସ୍ଥିତିରେ ସାବି ଆସେ ହର୍ଷଙ୍କ ବିଛଣା ଯାକେ କିନ୍ତୁ ନୀରବ ଥିଲା ବୁଟୁ ସବୁ ବୁଝିଲାପରେ ନୀରବ ଥିଲି ମୁଁ ସମାଜର ଦଳିତ ନିୟମ ଆଉ ଯୋଯୋର ଭବିଷ୍ୟତକୁ ନେଇ | ଜାଣେନି ମୁଁ ସାବିକୁ ରାଷ୍ଟ୍ରପତି ପୁରସ୍କାର୍ ଦେବି କି ଗୋଟେ ଚାପୁଡ଼ା | ଯେଉଁଦିନ ଭାବିଥିଲି ରାଷ୍ଟ୍ରପତି ପୁରସ୍କାର ଦେବି ଭ୍ରାନ୍ତଧାରଣା ଦୂର ପରେ ଭାବିଲି ବିଷ ଦେବି କି ତାକୁ | ସଂଜୁର ଏତେ କଥା ପରେ ମୁଁ ତାକୁ ଦେଖିଲି ବୁଟୁ ଆଉ ଯୋଯୋର ଚିନ୍ତା ଜଣେ ନିଜର ଅଂଶ ଆଉ ଜଣେ ନିଷ୍ପାପ | ଆଉ ବାକି ଥିଲା ସମାଜର ନିୟମ ଯାହା ଆଗରେ ସଂଜୁ ଜଳୁଥିଲା ସଂଜ ପରି ହର୍ଷଙ୍କ ଶୋଇବା ଘରର ଝରକାର ଆରପାଖରେ | ସେଦିନ ଶେଷ ଦେଖା ଥିଲା ମୋର ସଂଜୁ ସହିତ |

# ମା ମହାଦେବୀ


ଶ୍ରୀ ସୂର୍ଯ୍ୟକାନ୍ତ ଦାଶ

ଆସୁଛ କି ମା ଏଥର ଦଶହରାରେ
ନୂତନ ଭାବନା ଆଶାକୁ ନେଇ
ପାଛୋଟି ନେବାକୁ ସାଦରେ ରହିଛୁ
ତୁମ ଦଶଭୁଜାକୁ ଚାହିଁ... ୧

ସଜାଡ଼ି ରଖିଛୁ ନୂଆ ସାଜସଜା
ନୂଆ ଅଭିସାର ନେଇ
ତୁମେ ଆସିଗଲେ ଭରି ଉଠିବ ମା
ଦଶ ଦିଗପାଳ ଉଠିବେ ଜିଇଁ... ୨

ଏଥର ଆସିଛକି ଉଧରିବା ପାଇଁ
ଏ ଦେଶ, ଜାତି, ମାଟି ଓ ମା
ତୁମରି ନିରବ ନିସ୍ତବ୍ଧ ପଦାଘାତେ
ଦଣ୍ଡିବ କି ଅଣପୁରୁଷା... ୩

ସଂଚରି ଉଠିବ ଆସିବାରେ ତୁମେ ମା
ନୂତନ ନୂତନ ଜିଜ୍ଞାସା,
ମାତୃତ୍ବରୁ ତୁମେ ଟିକେ ଢାଳିଦେବ
ପ୍ରେମ ଭାଷାର ପ୍ରତିଜ୍ଞା... ୪

ପ୍ରେମ କି ଯୁଦ୍ଧ ଜୀବନ ମୃତ୍ୟୁରେ ଠିଆହେବ
ଆମ ପାଖେ ଛିଡ଼ା ହୋଇ
ତୁମ ଦୃଷ୍ଟିରେ ଯେତେ କୁତ୍ସିତ ପୁରୁଷାକାର
ଦଣ୍ଡିବ ମୁଣ୍ଡକୁ ଧରି... ୫

ତୁମେ ଚାହିଁ ଦେଲେ ଜଳି ଉଠିବ ମା
ପାପ ଓ ପାପୀ ଜନ
ତୁମେ ଚାହିଁବାରେ ଅନ୍ଧକାରେ ଆଲୋକ

ଉଠିବା ଅଗ୍ନି ଲେଲିହୀନ... ୬

ଦଶଭୂଜା ମା ତୁମେ ଦର୍ଶନ ଦିଅ
ପାଛୋଟି ନେଉଛୁ ଆଜି
ସବୁ ଧର୍ମକୁ ପଛରେ ପକାଇ
ନୂତନ ପ୍ରତିଜ୍ଞା ନେଇ କି... ୭

ଢାଳି ଦିଅ ମା ତୁମ କୃପାଦୃଷ୍ଟି
ତୁମ ସକଳ ରୂପରେ
ଜାଳୁଛି ଦିପାଳୀ ପୂଣ୍ୟ ଆହ୍ବାନରେ
ଆଲୋକିବ ସାରା ଦେଶରେ... ୮

ଯେଉଁଠି ଦେଖିବ ଅସତ୍ୟ ଅଜ୍ଞାନ ଅନ୍ଧାର
ଧରିବ ତୁମେ ଖଡ଼ଗ ଓ ଶୂଳ
ଜାନୁ ଜଙ୍ଘ ଚିରି ବନେଇବ ତୁମେ
ଲହୁରେ ଲୋହିତ ସାଗର... ୯

ପ୍ରେମ କରୁଣାର ମହାଦେବୀ ତୁମେ
ତଉଲିବ ପାପପୂଣ୍ୟ
ପୂଣ୍ୟକୁ ଉଧରି ଦଣ୍ଡିବ ପାପକୁ
ଏଠି ପାପ ଲୋକାରଣ୍ୟ... ୧୦

# ଚାକର ବନାମ ଆତ୍ମୀୟତା



ଅମୀୟ ରଞ୍ଜନ ସାହୁ

ସକାଳର ରକ୍ତାଭ କିରଣ ଧରାକୁ ସ୍ପର୍ଶ କରିବା ମାତ୍ରେ ଗୁଞ୍ଜରି ଉଠେ ଗୋଟିଏ ନାଁ । "ବିଷ୍ଣୁ... ବିଷ୍ଣୁ..." । ଏହା କେଉଁ ଦେବାଳୟର ପରିସର ନୁହେଁ, ଏହା ମାଳତୀ ଦେବୀଙ୍କ ମହାନଦୀ ତଟସ୍ଥ ସୁରମ୍ୟ ପ୍ରାସାଦ । ସକାଳ ୫ଟା ରୁ ରାତି ୧୧ଟା ପର୍ଯ୍ୟନ୍ତ ଘରର ସମସ୍ତ ସଦସ୍ୟଙ୍କ ମୁହଁରେ କେବଳ ସେଇ ଗୋଟିଏ ନାଁ । ବାରମ୍ବାର ତାହାରି ନାଁର ପୁନରାବୃତ୍ତି ତାକୁ ଯେ କେଉଁ ସ୍ବର୍ଗୀୟ ଆନନ୍ଦ ଦିଏ ଏକଥା ସେ ହିଁ ଜାଣିଥିବ । ତାକୁ ଲାଗେ ସତେଯେପରି ସେ ଘରର ଜଣେ ପ୍ରମୁଖ ସଦସ୍ୟ । ସକାଳେ ସମସ୍ତଙ୍କ ରୁମ୍‌କୁ ବେଡ୍-ଟି ପଠେଇବାଠାରୁ ଆରମ୍ଭକରି ମାଳତୀ ଦେବୀଙ୍କ ପୁଅ, ବୋହୂ ଓ ନାତୁଣୀଙ୍କର ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ମଧ୍ୟାହ୍ନ ଜଳଖିଆ, ରାତି ଖାଇବା, ଆଉ ତା' ବାଦେ ରହିଛି ଘର ସଫା, ଲୁଗା ପଟା ସଫା ଇତ୍ୟାଦି ଇତ୍ୟାଦି । ତା'ର ତ ଅଠର ଘଣ୍ଟିଆ ଡ୍ୟୁଟି ।

ମାଳତୀ ଦେବୀ ଅବସର ପ୍ରାପ୍ତ । ବିଷ୍ଣୁ ତାଙ୍କର ସବୁଠାରୁ ପ୍ରିୟ । ସମସ୍ତେ ଗଲା ପରେ ସେ ବସି ରାମାୟଣ, ମହାଭାରତ, ଭାଗବତ ଆଦି ପଢ଼ି ଶୁଣାଏ । ଘସି ମାଜି ଦିଏ । ନାଁ ତା'ର ଥିଲା ଆଲ୍‌ବର୍ଟ । ମାଳତୀ ଦେବୀ ଘରକୁ ଆଣିବା ପରଠାରୁ ନାଁ ତା'ର ବଦଳାଇ ରଖିଛନ୍ତି ବିଷ୍ଣୁ । ପାଠ ପଢ଼ାଇଛନ୍ତି । ସେ ମଧ ମାଲିକିଆଣୀ ନ ଡାକି ଡାକେ ଜେଜେମା ।

ସେଦିନ ସକାଳେ ଏଇମିତି କିଛି ଭାବନା ମାଳତୀ ଦେବୀଙ୍କ ମନ ଭିତରେ ଘୁରି ଘୁରି ମନଟାକୁ ଭାରାକ୍ରାନ୍ତ କରିଦେଇଥିଲା । ୧୦ଟା ବେଳେ ଭାଗବତ ପଢ଼ାକୁ ଅପେକ୍ଷା କରିବାକୁ ବେଳ ନଥିଲା । ବେଡ୍‌ରୁ ଉଠିପଡ଼ିଲେ ତ ବେଡ୍-ଟି ନ ପିଇ ସିଧା ଚାଲିଲେ ବାନ୍ଧବୀ ସୁଲକ୍ଷଣା ଦେବୀଙ୍କ ଘରକୁ । ପିଲାଦିନର ବାନ୍ଧବୀ, ଆମେରିକା ଯାଇଥିଲେ । ଅବଶ୍ୟ ସେଠାରୁ ବର୍ଷେ ହେବ ଫେରି ଆସିଥିଲେ, ମାତ୍ର ଦିଲ୍ଲୀରେ ଥିଲେ । ସପ୍ତାହେ ହେବ ଆସିଛନ୍ତି । ଘର ମଧ ଅଳ୍ପ ବାଟ । ଚାଲି ଚାଲି ଗଲେ ୧୫ ମିନିଟ୍ ଲାଗିବ ।

ସକାଳର କଲିଂ ବେଲ୍‌ରେ କାହାକୁ ଦେଖିବେ ବୋଲି ଚିନ୍ତା କରି କରି କବାଟ ଖୋଲିଲେ ସୁଲକ୍ଷଣା ଦେବୀ । ଦୀର୍ଘ ଦିନ ପରେ ଦେଖା ହୋଇଥିବା ଦୁଇ ବାନ୍ଧବୀଙ୍କ ମିଳନ ସକାଳଟାକୁ ଆହୁରି ମଧୁର କରିଦେଲା । ପରସ୍ପର କୋଳାଗ୍ରତ ହୋଇ ଯାଇ

ବସିଲେ ସୋଫା ଉପରେ | ବାହାରର ପରିବେଶକୁ ଲକ୍ଷ କରି ଭିତରେ ଥିବା ଅଜ୍ଞାତ ମଣିଷଟି ଗୋଟିଏ କପ୍ ପରିବର୍ତ୍ତେ ଦୁଇ କପ୍ ଚାହା ନେଇ ପ୍ରବେଶ କଲା | ରେଡ଼ ଟି-ସାର୍ଟକୁ ଡେନିମ୍ ଜିନ୍ସ ସମ୍ଭ୍ରାନ୍ତ ପରିବାରର ସଦସ୍ୟ ପରି ଲାଗୁଥିଲା | "ମମି ଚାହା", ଏତିକି କହି ଚାହା ଦି କପ୍ ଟିପୟ ଉପରେ ରଖି ସୋଫାରେ ବସିଲା | ସୁଲକ୍ଷଣା ଦେବୀ ତା ଆଡ଼କୁ ଲକ୍ଷ କରି ସାମାନ୍ୟ ସ୍ମିତ ହସି କହିଲେ, "ପୁଅ ମୋ ଆଲମିରାରୁ ସେ ଆଲ୍‌ବମଟା ଆଣିବୁ |" ଦୀର୍ଘ ଦିନ ପରେ ଆସିଥିବା ବାନ୍ଧବୀଙ୍କ ସାଙ୍ଗରେ ପୁରୁଣା ସ୍ମୃତିକୁ ତାଜା କରିବାକୁ ବୋଧେ ତାଙ୍କର ଅଭିପ୍ରାୟ ଥିଲା | ପିଲାଟି ଗଲା ଏବଂ ଖୁବ ଶୀଘ୍ର ଫେରି ଆସିଲା ଆଲବମ ସହ | ଆଲ୍‌ବମ୍‌ର ପୃଷ୍ଠାଗୁଡ଼ାକ ଓଲଟା ଚାଲିଲା, କିଛି କିଛି ଖୁବ୍ ଶୀଘ୍ର ଓ ଆଉ କିଛି ବିଳମ୍ବରେ | କଲେଜ ବେଳର ଫଟୋ, ଆମେରିକାରେ ରହୁଥିବା ବେଳର ଫଟୋ, ଦିଲ୍ଲୀରେ ରହୁଥିବା ବେଳର ଫଟୋ, ପୁଅ, ବୋହୂ, ନାତି ସାଙ୍ଗରେ ଫଟୋ, ଏମିତି କେତେ | ସେହି ଖୁସିର ଆସରରେ ଗୋଟିଏ ଛୋଟ ବିରତି ଆଣି ମନୁ ସେହି ପିଲାଟି ଖେଳି ଯିବାପାଇଁ ଅନୁମତି ମାଗିଲା ମମିଙ୍କୁ | ମମି ତାଗିଦ କରି କହିଲେ, "ହଁ, ଶୀଘ୍ର ଆସିବୁ | ଡାଡିଙ୍କର ମେଡିସିନ୍ ଖାଇବା ଟାଇମ୍ ପୂର୍ବରୁ | ଶୁଣ, ସେ ସ୍ଲିପର ପିନ୍ଧି ଦୌଡ଼ିଯିବୁ ନାହିଁ | ଯୋତା ମୋଜା ପିନ୍ଧି ଯିବୁ | " ସତରେ କେତେ ସ୍ନେହ କେତେ ଆତ୍ମୀୟତା | ଏ କିନ୍ତୁ ତାଙ୍କର ପୁଅ ତ ନୁହେଁ | କାରଣ ଦୁଇ ପୁଅ, ଜଣେ ଆମେରିକାରେ, ଜଣେ ଦିଲ୍ଲୀରେ | ଏ ନିଶ୍ଚେ ତାଙ୍କର କେଉଁ ସମ୍ପର୍କୀୟଙ୍କ ପୁଅ | ଏମିତି କିଛି ଭାବନା ଭଉଁରୀ ଖେଳୁଥିଲା ମାଳତୀ ଦେବୀଙ୍କ ମନରେ |

"ଆଲୋ କଣ ଭାବୁଛୁ? ଏଆଡ଼େ ଦେଖ୍ | " ସୁଲକ୍ଷଣାଦେବୀ ଏତକ କହିଦେଇ ପୁଣି ଓଲଟେଇ ଚାଲିଲେ ଆଲ୍‌ବମର ବାକି ପୃଷ୍ଠାଗୁଡ଼ାକ | ଦୁଇ ବାନ୍ଧବୀଙ୍କ ଗପ ଚାଲିଲା ପୁରା ଜୋରରେ | ସୁଲକ୍ଷଣା ଦେବୀଙ୍କ ଆମେରିକା ଅନୁଭୂତି ଆଉ ମାଳତୀ ଦେବୀଙ୍କ ଭାରତୀୟ ଅନୁଭୂତି | ଏମିତି କେତେ କଥା ନେଇ କଥା ପହଞ୍ଚିଲା ଉଭୟ ଦେଶର ଚାଲି ଚଳଣି ଉପରେ | ଶେଷରେ ଘରେ ଚାକର ରଖିବା ସମସ୍ୟା ଉପରେ |

"ସେଠିତ ଚାକର ରଖିବା ସମସ୍ୟା ନାହିଁ | ସେମାନେ ଚାକର ରଖନ୍ତି ନାହିଁ କହିଲେ ଚଳେ | "

"ହଁ ସେମାନଙ୍କର ଆବଶ୍ୟକତା ବା କ'ଣ | ସକାଳ ପାହିଲେ ସମସ୍ତେ ବାହାରକୁ ଗଲେ | ଘରେ କାମବା ଆଉ କ'ଣ | "

"ଏଠାର ଲୋକମାନେ କିନ୍ତୁ ଚାକର ରଖିଜାଣନ୍ତିନି | ଚାକରକୁ କିଭଳି ଟ୍ରିଟ୍ କରିବା ଦରକାର ସେକଥା ମଧ୍ୟ ଜାଣନ୍ତିନି | "

"ହଁ ଏମାନେ ତ ଭାବନ୍ତି ସତେ ଯେପରି ସେ ଜଣେ ମଣିଷ ନୁହେଁ, ପଶୁ | ଅଠର ଘଣ୍ଟିଆ ଡ୍ୟୁଟିକୁ ପେଟପୁରା ଖାଇବା ନାହିଁ | ତା ସଙ୍ଗରେ ସଠିକ ଦରମା ମଧ୍ୟ ନାହିଁ | "

ଇତି ମଧ୍ୟରେ ମନୁ ଖେଳିସାରି ଆସିଯାଇଥିଲା | "ପୁଅ ଡାଡିଙ୍କୁ ମେଡିସିନ୍ ଦେଇଦେ, ବାଲ୍‌କୋନିରେ ବସିଛନ୍ତି | ଆଉ ତୁ ବହିପତ୍ର ନେଇ ଏଠାକୁ ଆସେ | ହଁ ହାତ ମୁହଁ ଭଲରେ ଧୋଇକି ଆସିବୁ | " କଥାରେ  କଥାରେ ମାଳତୀ ଦେବୀ ବିଦାୟ ନେଇ ଆସିଲେ | ବାଟଯାକ କିନ୍ତୁ ଭାବି ଭାବି ଆସୁଥାନ୍ତି ମନୁ କଥା | ସତରେ କ'ଣ ସେ ତାଙ୍କର କେଉଁ ବନ୍ଧୁଙ୍କ ପୁଅ, ନା ସେ କେଉଁ ଅନାଥ ଆଶ୍ରମରୁ ପୋଷ୍ୟ ପୁତ୍ର କରିଛନ୍ତି, ଏମିତି କେତେ କଥା |

ଆଉ ଦିନେ ମାଳତୀ ଦେବୀ ବଡ଼ ବ୍ୟସ୍ତରେ ହାତରେ ଗୋଟେ ପ୍ୟାକେଟ ଧରି ସୁଲକ୍ଷଣା ଦେବୀଙ୍କ ଘରକୁ ଆସୁଥାନ୍ତି | ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେତେବେ ସେ ଏକ ସମ୍ପୂର୍ଣ୍ଣ ବିପରୀତ କଥା ଲକ୍ଷ କଲେ | ସୁରମ୍ୟ ପ୍ରାସାଦର ସୌନ୍ଦର୍ଯ୍ୟ ଭଙ୍ଗ କରି ବସିଥାଏ ଏକ ମଳି ମୁଣ୍ଡିଆ ଲୋକ | କାନ୍ଧରେ ଧୂଳି ଧୁସରିତ ଗାମୁଛା | ଧୋତିର ଅବସ୍ଥା ମଧ୍ୟ ତଦନୁରୂପ | ମନର ମୋହ ଭଙ୍ଗ କରି ସେ ଭିତରକୁ ପଶିଗଲେ ଏବଂ ବାତାବରଣର ସଠିକ ଅନୁମାନ ଲଗାଇ ପାରିଲେ ନାହିଁ | ତାଙ୍କର ଉପସ୍ଥିତି ଅସମୟରେ ହେବାପରି ଅନୁଭବ ହେବାରୁ ସେ ପ୍ୟାକେଟଟି ଦେଇ ଅତି ସନ୍ତର୍ପଣରେ ସେଠାରୁ ଚାଲିଆସିଲେ |

ଘରେ ପହଞ୍ଚିଛନ୍ତି କି ନା ବିଷ୍ଣୁ ପାଟି କରିଉଠିଲା, "ଜେଜେମା ତୁମ ଫୋନ | "

ଫୋନରେ ସୁଲକ୍ଷଣା ଦେବୀଙ୍କ କଣ୍ଠସ୍ବରର ଅସ୍ଥିରତା ସେ ସହ୍ୟ କରିପାରିଲେ ନାହିଁ | ଆଶ୍ବାସନା ଦେଇ ଖୁବ ଶିଘ୍ର ପହଞ୍ଚୁଛନ୍ତି ଜଣାଇ ପୁଣି ଚାଲିଲେ ସେଠିକି |

ସେଠାକାର ଦୃଶ୍ୟ ସାମାନ୍ୟ ଅସ୍ବାଭାବିକ ଥିଲା | ମନୁ ସେହି ମଳିମୁଣ୍ଡିଆ ଲୋକଟିକୁ କୁଣ୍ଢାଇ ଧରି ବସିଥିଲା ଚଟାଣ ଉପରେ ମୁଣ୍ଡ ବାଳକୁ ଝୁମ୍ପୁରା କରି | ସୋଫା ଉପରେ ବସିଥିଲେ ସୁଲକ୍ଷଣା ଦେବୀଙ୍କ ସ୍ବାମୀ | ମାଳତୀ ଦେବୀ କିଛି ପଚାରିବା ପୂର୍ବରୁ ସେ ଇସାରା ଦେଲେ ଭିତରକୁ | ଭିତରକୁ ପ୍ରବେଶ କରୁ କରୁ ସୁଲକ୍ଷଣା ଦେବୀ କୋହ ସମ୍ଭରଣ କରିନପାରି ଜୋରରେ କାନ୍ଦିଉଠିଲେ | ଏବଂ ମାଳତୀ ଦେବୀଙ୍କ ମୁଣ୍ଡରେ କାନ୍ଧ ରଖି ଏତିକି କହିଲେ ଯେ, "ମୋ ପୁଅ" | ଏତିକିରୁ ମାଳତୀ ଦେବୀ ସନ୍ଦେହ କଲେ କି ଆମେରିକା କିମ୍ବା ଦିଲ୍ଲୀରେ ଥିବା ତାଙ୍କର କେଉଁ ପୁଅର କିଛି ଅସୁବିଧା ହୋଇଛି | ତାଙ୍କ ଭାବନାରେ ଯବନୀକା ଟାଣି ସୁଲକ୍ଷଣା ଦେବୀ କହିଲେ, "ମୁଁ ତାକୁ ପୁଅଠାରୁ ବଳି ସ୍ନେହ ଦେଲି | ଆଜି ତାର ବାପା ତାକୁ ମୋ ଠାରୁ ଟାଣି ନେଉଛି | ଏବେ ମୁଁ ତା ବିନା..." | ମାଳତୀ ଦେବୀଙ୍କ ଦୋଦୁଲ୍ୟମାନ ମନର ଅବସ୍ଥାରେ ଏକଥା ଆହୁରି ପ୍ରଶ୍ନବାଚୀ ସୃଷ୍ଟି କଲା | ମାତ୍ର ସେ ଆଶ୍ବାସନା ଦେଇ ବାହାରକୁ ଆସିଲେ ପରିସ୍ଥିତି ବୁଝିବା ପାଇଁ |

ବାହାରେ ଆସି ସେ ପଚାରିବାରୁ ସୁଲକ୍ଷଣା ଦେବୀଙ୍କ ସ୍ବାମୀ କହିଉଠିଲେ, "ମୁଁ ତାକୁ ମନା କରୁଥିଲି | ମାତ୍ର ସେ ମନୁକୁ ପୁଅ ପରି ପାଳିଲା | ଯେତେହେଲେ ଚାକର ନା' | ଅନ୍ୟର ପୁଅ ଏବେ ତା ବାପା ଆସିଛି ତାକୁ ନେବା ପାଇଁ | ମୁଁ କହୁଛି ଯିବାକୁ ଦିଅ, ଫେରି ଆସିବ | କିନ୍ତୁ ସେ ଶୁଣିବାକୁ ନାରାଜ | "

କଥାର ଜୁଆରରେ ଭଟ୍ଟା ଆଣି ମନୁର ବାପା କହିଲା, "ନାଇଁମ ମେମ୍ ସାହେବ, କାଳିଆର ମାଆର ଦିହ ଖରାପି | ସିଏ ଟିକେ ତା ପୁଅକୁ ଦେଖିବାକୁ ମନ କରିଛି | ହେଲେ ଏଠି ଆସି ଦେଖେ ତ ସିଏ ଆଉ ମୋ ପୁଅ କାଳିଆ ନୁହଁ | ବାବୁ ଆଉ ବାବୁଆଣୀଙ୍କ ପୁଅ ମନୁ | ମମି ଡେଡି ଡାକୁଛି, ଇଙ୍ଗିଲିଶି କହୁଛି | ଯୋତା, ମୋଜା, ରଙ୍ଗ ବେରଙ୍ଗ ସାର୍ଟ ପିନ୍ଧୁଚି | ଇମିତି କଣ ଏ ଗରିବର ପୁଅଟାକୁ ନେଇଯିବା ଠିକ?"

ମନୁ ଓରଫ କାଳିଆ କିଛି ବୁଝି ପାରୁନଥିଲା | ସେ କେବଳ ସମସ୍ତଙ୍କ ମୁହଁକୁ ବୁଲି ବୁଲି ଚାହୁଁଥିଲା | ହେଲେ ତାର ବାପାକୁ କୁଣ୍ଡାଇ ଧରିଥିଲା | ମାଳତୀ ଦେବୀ ଏପରି ପରିସ୍ଥିତିରେ କାହାକୁ ଯେ ସାନ୍ତ୍ବନା ଦେବେ କିଛି ଭାଷା ନପାଇ, ନିଜର ଭାରାକ୍ରାନ୍ତ ମନ ଓ ଶରୀରକୁ ନେଇ ଘରକୁ ଫେରିଲେ |

କଲିଂବେଲ୍ ଟିପିବା କ୍ଷଣି ବିଷ୍ଣୁ ଅତି ଖୁସିରେ କବାଟ ଖୋଲି ପଚାରିଲା, "କଣ ହେଲା ଜେଜେମା, କିଏ ଫୋନ କରିଥିଲେ?" ମାଳତୀ ଦେବୀ ସମାନ୍ୟ ଗମ୍ଭୀର ହୋଇ କହିଉଠିଲେ, "ମୋତେ ଜେଜେମା କହନା | ମୁଁ ମାଲିକିଆଣୀ, ମେମ୍ ସାହେବ, ଜେଜେମା ନୁହେଁ, ଜେଜେମା ନୁ...ହେଁ... | " କଣ୍ଠ ରୁଦ୍ଧ ହୋଇ ଆସିଲା | ଦୌଡ଼ିଯାଇ ସୋଫାରେ ବସି ପଡ଼ିଲେ | ଚପଳ ମତି ବିଷ୍ଣୁ ପରିସ୍ଥିତିକୁ ବୁଝିନପାରି, ହାତରେ ପାଣି ଗ୍ଲାସ ଟିଏ ଧରି ଦୌଡ଼ି ଆସିଲା, "ଜେଜେମା ପାଣି |" ମାଳତୀ ଦେବୀଙ୍କ କଣ୍ଠ ତା'ର ସେ ଆତ୍ମୀୟତା ଭରା ଡାକରେ ଓଦା ହୋଇଯାଉଥିଲା | ଆଉ ପାଣିର ଆବଶ୍ୟକତା ନଥିଲା |

# ପୁରୁଷ ଅଧିକାର ଦାବୀ କରୁଛି !!!



ବାଲ୍ମୀକି ନାୟକ

ଶୀର୍ଷକଟି ପଢ଼ି ଅଧିକାଂଶ ଲୋକ ତାସଲ୍ୟ କରିପାରନ୍ତି | କେତେକ ଏହାକୁ ଅବାଞ୍ଛିତ ଦାବୀ କହି ପ୍ରଶ୍ନଟିକୁ ଉପେକ୍ଷା କରିଦେଇ ପାରନ୍ତି | ସେମାନଙ୍କ ଧାରଣା ଯେଉଁ ଭାରତୀୟ ସମାଜରେ ପୁରୁଷ ହିଁ ସର୍ବେସର୍ବା, ସମସ୍ତ ଅଧିକାର କେବଳ ପୁରୁଷ ମାନଙ୍କ ହାତରେ ହିଁ ରହିଥାଏ | ସେହି ସମାଜରେ ବାସ କରୁଥିବା ଶିଶୁ, ସ୍ତ୍ରୀ, ବୟୋଜ୍ୟୋଷ୍ଠ ନାଗରିକ, ଭିନ୍ନକ୍ଷମ ଏବଂତୃତୀୟ ଲିଂଗି ମଣିଷବର୍ଗ ସିନା ନିଜ ନିଜର ଅଧିକାର ଦାବୀ କରିଥାନ୍ତି | ଦୁର୍ବଳ ତଥା ଅସହାୟ ମଣିଷମାନେ ହିଁ ଅଧିକାର ଦାବୀ କରି ଆନ୍ଦୋଳନ, ଅନଶନ ଏବଂ ସ୍ଲୋଗାନ୍ ଦେଇ ପ୍ରତିବାଦ କରିଥାନ୍ତି |

ଆଜିର ଯୁଗରେ କାହିଁକି ସବଳ ପୁରୁଷବର୍ଗ ନିଜପାଇଁ ଅଧିକାର ଦାବୀ କରୁଛନ୍ତି? କଥାଟି ସହଜରେ ହୁଏତ ହଜମ ହେଉନି | ବରଂ ମନରେ କେତୋଟି ପ୍ରଶ୍ନ ଉଠୁଛି |

(କ) ପୁରୁଷମାନେ ନିଜର ଅଧିକାର ପାଇବାପାଇଁ କାହା ପାଖରେ ଦାବୀ କରୁଛନ୍ତି?

(ଖ) ପୁରୁଷମାନଙ୍କୁ କେଉଁ ଭଳି ଅଧିକାର ଆବଶ୍ୟକ ପଡ଼ିଲା?

(ଗ) ପୁରୁଷବର୍ଗ ହଠାତ୍ ନିଜକୁ ଏତେ ଦୁର୍ବଳ ଓ ଅସହାୟ ଅନୁଭବ କରୁଛନ୍ତି କାହିଁକି ?

ଯେଉଁ ସମାଜରେ ଆଦିମକାଳରୁ ପୁରୁଷକୁ ମହିମାମଣ୍ଡନ କରି କୁହାଯାଇଛି ଯେ ପୁରୁଷ 'ଶକ୍ତିଶାଳୀ ଓ ବଳବାନ', 'ପୁରୁଷ କେବେ କାନ୍ଦିବା ଉଚିତ ନୁହଁ', 'ପୁରୁଷ ହିଁ ଶାସନକର୍ତ୍ତା ହେବା ଯୋଗ୍ୟ', 'ପୁରୁଷ ସ୍ୱାମୀ ଓ ସ୍ତ୍ରୀ ତା'ର ଅନୁଗାମୀ(ଅର୍ଥାତ ଦାସୀ ବା ସେବିକା)' ଇତ୍ୟାଦି |

ସେହି ସମାଜରେ ଆଜି ଏମିତି କଣ ଚମତ୍କାରୀ ପରିବର୍ତ୍ତନ ହୋଇଯାଇଛି ଯେଉଁଥି ପାଇଁ ଅନେକ ଶିକ୍ଷିତ, ଉଚ୍ଚଶିକ୍ଷିତ, ପ୍ରତିଷ୍ଠିତ, ଧନବାନ ଓ ସୁବିଖ୍ୟାତ ପୁରୁଷ ବି ନିଜକୁ ଅସହାୟ ଓ ଅସୁରକ୍ଷିତ ମନେ କରୁଛନ୍ତି? କେବଳ ଗୋଟିଏ ରାତିର ବ୍ୟବଧାନରେ ସେମାନେ ସମାଜ ଆଖିରେ ଘୃଣ୍ୟ ଓ ଆଇନ୍ ଆଖିରେ ଅପରାଧୀ ପାଲଟି ଯିବାର ଭୟରେ ସନ୍ତ୍ରୀ ଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ଆତଙ୍କିତ ହୋଉଛନ୍ତି କାହିଁକି ?

ଏହି ଭଳି କିଛି ରୋମାଞ୍ଚକାରୀ ଜଟିଳ ପ୍ରଶ୍ନ ସମୁହର ତର୍କସଙ୍ଗତ ଉତ୍ତର

ଖୋଜିବାପାଇଁ ବାଙ୍ଗାଲୋର ସହରରେ ଗତ ୨୦୧୧ ମସିହା ମଇ ମାସରେ ଚାରିଜଣ ଉଦୀୟମାନ ଯୁବକ ଗୋଟିଏ ସ୍ବୟଂସେବୀ ସଂସ୍ଥା ଗଠନ କଲେ | ସଂସ୍ଥାର ନାମ ଦିଆଗଲା, 'Gender studies confidare research center' | ସେମାନେ ସମସ୍ତେ ଉଚ୍ଚଶିକ୍ଷିତ ଏବଂ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚଦରମାରେ ଅଧିଷ୍ଠିତ କର୍ମଚାରୀ | ଏହି ସଂସ୍ଥା ଗଠନ ପଛରେ ରହିଛି ସେମାନଙ୍କ ବ୍ୟକ୍ତିଗତ ତିକ୍ତ ଅନୁଭୂତି | ଆମ ଜୀବନରେ ଯଦି ଏଭଳି ଅବାଞ୍ଛିତ ଦୁଃଖ ଓ ମାନସିକ ନିର୍ଯ୍ୟାତନା ଆସିଛି, ତେବେ ଭାରତର ଅନ୍ୟ ପୁରୁଷମାନଙ୍କୁ ବି ସେହିଭଳି ଦୁଃଖ ଭୋଗ କରିବାକୁ ପଡୁଛି କି ?

ଏହି ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ସେମାନେ ଦୀର୍ଘ ଦିନଧରି ଅନୁସନ୍ଧାନ କରି ଯେଉଁ ତଥ୍ୟ ସଂଗ୍ରହ କରିଛନ୍ତି, ତାହା ଯେ କୌଣସି ବଳିଷ୍ଠ ପୁରୁଷର ପାଦତଳ ମାଟିକୁ ଦୋହଲାଇ ଦେବାପାଇଁ ଯଥେଷ୍ଟ | ଆସନ୍ତୁ ସେଇ ଅନୁସନ୍ଧାନରୁ କିଛି ତଥ୍ୟ ଆମେ ବି ଦେଖିବା |

ମହିଳା ସଂରକ୍ଷଣ କାନୁନ : ଭାରତରେ ମହିଳା ମାନଙ୍କୁ ଉଚିତ ସମ୍ମାନ, ସୁରକ୍ଷା, ଅଧିକାର ଏବଂ ନ୍ୟାୟ ଦେବାପାଇଁ ଆଜି ଅନେକ ପ୍ରକାର କାନୁନ ପ୍ରଣୟନ ହୋଇ ସାରିଛି | ବିଡ଼ମ୍ବନା ହେଉଛି ଯେ ଉକ୍ତ କାନୁନ ଗୁଡ଼ିକ ଆବଶ୍ୟକ ମହିଳାଙ୍କ ପାଇଁ ଠିକ୍ ଯାଗାରେ, ଠିକ୍ ସମୟରେ ବ୍ୟବହାର ହେଉ ନଥିବା ବେଳେ, ଦୁରୁପଯୋଗ ବେଶୀ ହେଉଛି | ସେହି କାନୁନର ଆଢୁଆଳରେ କେତେକ ଉଚ୍ଚମହତ୍ତ୍ୱାକାଂକ୍ଷୀ, ଦାୟୀତ୍ୱହୀନା, ପ୍ରତିହିଂସାପରାୟଣା, ସ୍ୱାର୍ଥନ୍ବେଷୀ, ଅହଂକାରୀ, ଉଚ୍ଛୃଙ୍ଖଳା ଓ ସ୍ବେଚ୍ଛାଚାରୀ ମହିଳା ନିଜ ଭରଣପୋଷଣ, ସୁରକ୍ଷା ଓ ଯୌତୁକ ନିର୍ଯ୍ୟାତନା ଆଳରେ ପୁରୁଷ ମାନଙ୍କୁ ଅଯଥା ହଇରାଣ କରି ମାନସିକ ନିର୍ଯ୍ୟାତନା ଦେଇ, ଆର୍ଥିକ ଶୋଷଣ କରିବାକୁ ଟିକେ ବି କୁଣ୍ଠାବୋଧ କରୁନାହାନ୍ତି | ଏଇଠି ପୁରାଣ ଯୁଗର ଭସ୍ମାସୁର କଥାଟି ମନକୁ ଆସେ | ଯେଉଁ ପୁରୁଷବର୍ଗ ମହିଳାମାନଙ୍କୁ ସୁରକ୍ଷା ଦେବାପାଇଁ କାନୁନ ପ୍ରଣୟନ କରିଥିଲେ, ସେହି ପୁରୁଷବର୍ଗ ଆଜି ନିଜେ କାନୁନ ଆଗରେ ଅସୁରକ୍ଷିତ ପଡ଼ିଛନ୍ତି |

ଏହାର ପରିଣାମ ସ୍ବରୂପ NCRBର ଏକ ସଦ୍ୟପ୍ରାପ୍ତ ସୂଚନାକୁ ଉଦାହରଣ ରୂପେ ନିଆଯାଇପାରେ | ୨୦୧୨ ମସିହାରେ ପ୍ରାୟ ୬୫ ହଜାର ବିବାହିତ ପୁରୁଷ ଆତ୍ମହତ୍ୟା କରିଛନ୍ତି | ରିପୋର୍ଟରେ ଦର୍ଶାଯାଇଛି ଯେ ପ୍ରତିଦିନ ୧୨୯ ଜଣ ମହିଳା ଆତ୍ମହତ୍ୟା କରୁଛନ୍ତି ଏବଂ ପ୍ରତିଦିନ ୨୪୨ ଜଣ ପୁରୁଷ ଆତ୍ମହତ୍ୟା କରୁଛନ୍ତି | ପ୍ରତ୍ୟେକ ୫ ମିନିଟରେ ଜଣେ ନିର୍ଦ୍ଦୋଷ ପୁରୁଷ ମିଥ୍ୟା ଅଭିଯୋଗରେ ଗିରଫ ହେଉଛି | ପ୍ରତ୍ୟେକ ୮.୪ ମିନିଟରେ ଜଣେ ପୁରୁଷ ଯୌତୁକ ନିର୍ଯ୍ୟାତନାର ମିତ୍ୟା ଅଭିଯୋଗ ଯୋଗୁଁ ନିଜର ଜୀବନ ନଷ୍ଟ କରିଦେଉଛି | ଯୌତୁକ ନିର୍ଯ୍ୟାତନା ମାମଲା ୯୫%ରୁ ଅଧିକ ମିଥ୍ୟା ବୋଲି ପ୍ରମାଣିତ ହେଉଛି | ପ୍ରତ୍ୟେକ ବର୍ଷ ୪୧ ହଜାର ନିର୍ଦ୍ଦୋଷୀ ମହିଳା ଯୌତୁକ ନିର୍ଯ୍ୟାତନା କାନୁନ IPC 498A ଯୋଗୁଁ ଗିରଫ ହେଉଛନ୍ତି |

NCRBର ଉପରୋକ୍ତ ରିପୋର୍ଟ ଅନୁସାରେ ପୁରୁଷବର୍ଗ ମାନସିକ ସ୍ତରରେ ଅସହାୟ ବୋଧ କରୁଥିବା ତଥ୍ୟ ଅମୂଳକ ନୁହେଁ କିମ୍ବା ଉପେକ୍ଷା କରିବା ଯୋଗ୍ୟ ନୁହେଁ | ପୁରୁଷକୁ ଅସହାୟ କରି ଦେଉଥିବା କାରଣ ହେଉଛି - ଆମର ରଢ଼ିବାଦୀ ସାମାଜିକ ବ୍ୟବସ୍ଥା ଏବଂ ମାନସିକ ବିଚାରଧାରା | ସେଇଥିପାଇଁ ମାନସିକ ଯନ୍ତ୍ରଣା ଭୋଗ କରୁଥିବା ପୁରୁଷ ମାନଙ୍କ ଅଭିଯୋଗ ଶୁଣିବାକୁ କେହି ପ୍ରସ୍ତୁତ ନୁହନ୍ତି | ପୋଲିସ୍ କିମ୍ବା ପ୍ରଶାସନିକ ସଂସ୍ଥା କେହି ବି ପୁରୁଷମାନଙ୍କ ପାରିବାରିକ ସମସ୍ୟାକୁ ଗମ୍ଭୀରତା ସହିତ ଗ୍ରହଣ କରନ୍ତି ନାହିଁ | ସାମାଜିକ ସ୍ତରରେ ବି ପୁରୁଷକୁ କାନ୍ଦିବା, ଦୁଃଖ ଜଣାଇବା, ସ୍ତ୍ରୀ ନିର୍ଯ୍ୟାତନାରୁ ରକ୍ଷା ପାଇବା ପାଇଁ ସାହାଯ୍ୟ ମାଗିବା ଆଦି କାପୁରୁଷର ଗୁଣ କହି ତାଚ୍ଛଲ୍ୟ କରାଯାଇଥାଏ |

ଏହିଭଳି ଦୁଃଖଦ ପରିସ୍ଥିତିରେ ପୁରୁଷ ମନଖୋଲି ନିଜର ଦୁଃଖ କାହାକୁ କହିପାରେ ନାହିଁ | ସେ ଧିରେ ଧିରେ ମାନସିକ ବିଷାଦଗ୍ରସ୍ତ ହୋଇପଡ଼େ | ଅନେକ ପୁରୁଷ ମାନସିକ ବିଷାଦ ସହିନପାରି ଆତ୍ମହତ୍ୟା ପରି ପନ୍ଥା ଗ୍ରହଣ କରିଥାନ୍ତି | କେତେକ ପୁରୁଷ ପ୍ରତିହିଂସାପରାୟଣ ହୋଇ ସ୍ତ୍ରୀ ଓ ନିଜ ପରିବାରକୁ ହତ୍ୟା କରିବାକୁ ମଧ ପଛାଇନଥାନ୍ତି |

Confidare ସଂସ୍ଥାର ଉଦ୍ଦେଶ୍ୟ ଏବଂ କାର୍ଯ୍ୟଶୈଳୀ :

ଏହି ସଂସ୍ଥାର ମୁଖ୍ୟ ପ୍ରବକ୍ତା ବିରାଗ ଧୁଲିଆ କହନ୍ତି, ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପାରିବାରିକ ହିଂସା କିମ୍ବା କାନୁନ ଦ୍ବାରା ନିର୍ଯ୍ୟାତିତ ହୋଇ ମାନସିକ ବିଷାଦଗ୍ରସ୍ତ ହୋଇଥିବା ପୁରୁଷ (ବିଶେଷକରି ଯୁବକ) ମାନଙ୍କୁ ସହାୟତା ଯୋଗାଇ ଦେବା | ସେମାନଙ୍କ ମନରେ ଆତ୍ମବିଶ୍ବାସ ଜାଗ୍ରତକରି ସମସ୍ୟା ସହିତ ଲଢ଼ିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ହେଉଛି ଆମପାଇଁ ଏକ ବଡ଼ ଚାଲେଞ୍ଜ୍ | ଆମ ସଂସ୍ଥାକୁ ଆସୁଥିବା ପୁରୁଷମାନଙ୍କ ସମସ୍ୟାକୁ ଆମେ ଧୈର୍ଯ୍ୟ ଓ ସହୃଦୟତାର ସହ ଶୁଣୁ | ସେତିକିରେ ସେମାନଙ୍କ ମନକୁ ସାନ୍ତ୍ବନା ମିଳିଥାଏ | ଦ୍ବିତୀୟ ପର୍ଯ୍ୟାୟରେ ଦାମ୍ପତ୍ୟ ଜୀବନକୁ ବଞ୍ଚାଇ ରଖିବାପାଇଁ କିଛି ବ୍ୟବହାରିକ ପରାମର୍ଶ ଦେଇଥାଉ | ଯଦି ସେମାନଙ୍କୁ ସ୍ତ୍ରୀ କିମ୍ବା ଶଶୁରଘର ଲୋକମାନଙ୍କ ଦ୍ବାରା କାନୁନର ଭୟ ଦେଖାଇ କିମ୍ବା ମିଥ୍ୟା କେଶ୍ ଫାଇଲ୍ କରି ପୋଲିସ୍ ଦ୍ବାରା ନିର୍ଯ୍ୟାତନା ଦିଆଯାଇଥାଏ, ତେବେ ଆମେ କାନୁନ୍ ଦ୍ବାରା ହିଁ କିଭଳି ନିଜକୁ ବଞ୍ଚେଇହେବ, ସେ ଭଳି କିଛି ତଥ୍ୟ ଯୋଗାଇ ଦେଇଥାଉ | ଯଥା - ଯୌତୁକ ନିର୍ଯ୍ୟାତନା କାନୁନ ଅନୁସାରେ ଯୌତୁକ ନେଇଥିବା, ଦେଇଥିବା ଏବଂ ପ୍ରବର୍ତ୍ତାଇଥିବା ବ୍ୟକ୍ତିମାନେ ସମାନ ଭାବେ ଦୋଷୀ | କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ କେବଳ ନେଇଥିବା ବ୍ୟକ୍ତିମାନଙ୍କ ଉପରେ ହିଁ ପୋଲିସ କାର୍ଯ୍ୟବାହୀ କରୁଛି |

ଆମେ ସେଇଥି ପାଇଁ ଅଭିଯୁକ୍ତ ପୁରୁଷମାନଙ୍କୁ ପରାମର୍ଶ ଦେଉଛୁ | Dowry Prohibition act-3 ଅନୁସାରେ ଯୌତୁକ ଦେଇଥିବା ଅପରାଧ ପାଇଁ ଶଶୁରଘର ଲୋକମାନଙ୍କ ବିରୋଧରେ କେଶ କରାଯାଇପାରେ | ସେହିଭଳି ଚାକିରୀ କରିଥିବା ସ୍ତ୍ରୀ ସ୍ବାମୀଠାରୁ ଭରଣପୋଷଣ ଦାବୀ କରିଥିଲେ, ତା' ବିରୁଦ୍ଧରେ କେଶ ଫାଇଲ କରାଯାଇପାରେ |

ଆମ ସଂସ୍ଥାର ସ୍ଥାପନ ଦିବସଠାରୁ ପ୍ରାୟ ଦୁଇବର୍ଷ ଛଅ ମାସ ଭିତରେ ଏକ ହଜାରରୁ ଊର୍ଦ୍ଧ୍ବ ନିରାଶ ଯୁବକ ମାନଙ୍କୁ ଆମେ ଆଶାର ବାଟ ଦେଖାଇ ପାରିଛୁ | ସେମାନେ ପଳାୟନବାଦୀ ରାସ୍ତା ତ୍ୟାଗ କରି ସଂଘର୍ଷର ରାସ୍ତାକୁ ଅପଣେଇଛନ୍ତି |

ପାରିବାରିକ କାନୁନ ଗୁଡ଼ିକରେ ରହିଥିବା କିଛି କିଛି ଗଳା ରାସ୍ତାକୁ ସଂଶୋଧନ କରି ସୁଦୃଢ଼ କରିବାପାଇଁ ଆମର ତର୍କ ସଂଗତ ପରାମର୍ଶ ତାଲିକା ସରକାରଙ୍କ ପାଖକୁ ପଠାଇ ଦେଇଛୁ | ଆମେ ଆଶା କରୁଛୁ ଆସନ୍ତା ଦିନ ମାନଙ୍କରେ କାନୁନ ବିଶେଷଜ୍ଞ ଆମର ପରାମର୍ଶ ଉପରେ ନିଷ୍ଠାର ସହ ବିଚାର କରିବେ |

Confidare ମୁଖ୍ୟତଃ ଦୁଇଟି ବ୍ୟବସ୍ଥା ଉପରେ ଆଧାରିତ ସଂସ୍ଥା | ଏଥିରୁ ପ୍ରଥମଟି ହେଲା - ପୁରୁଷ ମାନଙ୍କ ପାଇଁ ଏକ ଗୋଷ୍ଠୀ କେନ୍ଦ୍ର (Community center for men) | ଯେଉଁଠି ପୁରୁଷ ପ୍ରଥମେ ଆସି ନିଜ ଦୁଃଖ ଆମ ସହିତ ବାଣ୍ଟିପାରିବ | ସ୍ତ୍ରୀ ଦ୍ବାରା କରାଯାଇଥିବା ଅଭିଯୋଗ ଗୁଡ଼ିକର କିଭଳି ପ୍ରତିବାଦ କରାଯାଇ ପାରିବ, ସେ ଭଳି ପରାମର୍ଶ ଆମେ ଦେଇଥାଉ |

ଦ୍ବିତୀୟଟି ହେଲା - ପାରିବାରିକ ହିଂସା ଆଶ୍ରୟସ୍ଥଳୀ (Domestic Violence Shelter) | ଯେଉଁଠି ସ୍ତ୍ରୀମାନଙ୍କ ଦ୍ବାରା ନିର୍ଯ୍ୟାତିତ ପତିମାନଙ୍କୁ ଆମେ ଆଶ୍ରୟ ଦେଇଥାଉ | ଏହା ମାନସିକ ସ୍ତରରେ ସେମାନଙ୍କୁ ବଳ ଦେଇଥାଏ | ଏକାଭଳି ଦୁଃଖ ଭୋଗ କରୁଥିବା ପୁରୁଷ ମାନଙ୍କ ସହ ମିଶିଲେ ମନକୁ ସାନ୍ତ୍ବନା ମିଳିଥାଏ ଏବଂ ଆତ୍ମବିଶ୍ବାସ ବୃଦ୍ଧି ହୋଇଥାଏ |

ଭାରତର ଯେ କୌଣସି ସ୍ଥାନରୁ ଏବଂ ଭାରତ ବାହାରେ ରହୁଥିବା ଅପ୍ରବାସୀ ଭାରତୀୟମାନେ ଆମ ସଂସ୍ଥାସହ ଯୋଗାଯୋଗ କଲେ ଆମେ ସହାୟତା କରିଥାଉ | ଆମ ୱେବସାଇଟ (www.confidareindia.com) ରେ ସମସ୍ତ ବିଷୟରେ ସବିଶେଷ ସୂଚନା ଉପଲବ୍‌ଧ ଅଛି | ଭାରତରେ ଅବହେଳିତ, ଲାଞ୍ଛିତ ଓ ଅସହାୟ ବର୍ଗର ମଣିଷ ଏବଂ ପଶୁମାନଙ୍କ ପାଇଁ ବିଭିନ୍ନ ମନ୍ତ୍ରାଳୟ ଗଠନ ହୋଇଛି | ଯଥା - ମହିଳା ମନ୍ତ୍ରାଳୟ, ଶିଶୁ ମନ୍ତ୍ରାଳୟ, ପଶୁ ମନ୍ତ୍ରାଳୟ ଇତ୍ୟାଦି | କିନ୍ତୁ ପୁରୁଷ ମାନଙ୍କ ପାଇଁ ସେମିତି କୌଣସି ବିହିତ ବ୍ୟବସ୍ଥା ନାହିଁ | ଭାରତ ସରକାରଙ୍କୁ ପୁରୁଷମାନେ ପ୍ରାୟ ତିନିଭାଗ ରାଜସ୍ବ ଦେଉଛନ୍ତି କିନ୍ତୁ ପୁରୁଷ କଲ୍ୟାଣ ନାମରେ କୌଣସି ସରକାରୀ ଅନୁଦାନ ଆଜି ପର୍ଯ୍ୟନ୍ତ

ମିଳିନାହିଁ |

ଗତ ୨୦୧୦ ମସିହାରେ Hindu Marriage Act 1955 ଏବଂ Special Marriage Act 1954ରେ ସଂଶୋଧନ କରିବାପାଇଁ ପ୍ରସ୍ତାବ ଆସିଛି | ପ୍ରସ୍ତାବ ହେଉଛି Irritable Breakdown of Marriageକୁ ଛାଡ଼ପତ୍ର ପାଇଁ ଏକ ଆଧାର ମାନିବାକୁ ହେବ | ଅର୍ଥାତ ସ୍ତ୍ରୀ ଛାଡ଼ପତ୍ର ପାଇଁ ଆଦେଦନ ଦେବା ପୂର୍ବରୁ ସ୍ବାମୀ ଓ ସ୍ତ୍ରୀ ଯଦି ତିନିବର୍ଷ ଅଲଗା ରହିଛନ୍ତି ତେବେ ସ୍ତ୍ରୀକୁ ଛାଡ଼ପତ୍ର ସହିତ ସ୍ବାମୀର ଅଚଳ ସଂପତ୍ତିରୁ ଅର୍ଦ୍ଧେକ ଭାଗ ବି ମିଳିପାରିବ | କିନ୍ତୁ ପତି ଯଦି ଏହି ଆଧାରରେ ଛାଡ଼ପତ୍ର ପାଇଁ ଆବେଦନ କରେ, ସ୍ତ୍ରୀ ନିଜର ଆର୍ଥିକ ଅବସ୍ଥା ଭଲ ନଥିବା ଦର୍ଶାଇ ଛାଡ଼ପତ୍ର ଦେବାକୁ ମନା କରିଦେଇ ପାରିବ ଏବଂ କୋର୍ଟ ପତିର ଆବେଦନକୁ ଖାରଜ କରିଦେବେ |

ଏହାର ଅର୍ଥ ହେଲା - ଗୋଟିଏ ହିନ୍ଦୁ ସ୍ତ୍ରୀ ପାଇଁ ବିବାହ ତା'ର ଆର୍ଥିକ ସୁରକ୍ଷାର ଗ୍ୟାରେଣ୍ଟି ହୋଇଗଲା | ସେ ଯେତେବେଳେ ଚାହିଁବ ବିବାହ ବନ୍ଧନକୁ ଭାଙ୍ଗିଦେଇ ସ୍ବାମୀର ୫୦ ପ୍ରତିଶତ ସଂପତ୍ତି ହାତେଇ ନେବ | କିନ୍ତୁ ପତି ଯଦି ପତ୍ନୀଠାରୁ ଛାଡ଼ପତ୍ର ଚାହିଁବ, ତେବେ ସେ ପତ୍ନୀର ଭରଣପୋଷଣର ବ୍ୟବସ୍ଥା କରିବାକୁ ବାଧହେବ | ଏହି କାନୁନ ଦ୍ବାରା ହୁଏତ ପତ୍ନୀମାନେ ଲାଭାନ୍ବିତ ହେବେ, କିନ୍ତୁ ପତିମାନଙ୍କର ଅବସ୍ଥା ଶୋଚନୀୟ ହୋଇପଡ଼ିବ |

ଶେଷରେ ଏତିକି ବୁଝା ପଡୁଛି ଯେ ସ୍ତ୍ରୀ ସହିତ କାନୁନ ବ୍ୟବସ୍ଥା ବି ପୁରୁଷ ଗୋଟିଏ ATM ମେସିନ୍ ବନେଇ ଦେଉଛି | ପତିର ପତ୍ନୀର ସଂପତ୍ତି ଉପରେ କୌଣସି ଅଧିକାର ନାହିଁ, ଅଥଚ ପତ୍ନୀ ଅଧା ସଂପତ୍ତିର ମାଲିକାଣୀ ବନିଯାଉଛି | ପ୍ରଶ୍ନ ଉଠୁଛି ଭାରତରେ ବିବାହ ଅନୁଷ୍ଠାନ ଆଗକୁ ବଞ୍ଚି ରହିପାରିବ କି ? ଆଜି ପ୍ରତ୍ୟେକ ସହରରେ Live-in relationship ସଂଖ୍ୟା ବୃଦ୍ଧି ପାଉଥିବା ପଛରେ ଏହା ଏକ କାରଣ ବୋଲି ଅସ୍ବୀକାର କରିହେବକି ? ଏହି ଦୁଇଟି ପ୍ରଶ୍ନକୁ ଗଂଭୀରତା ସହିତ ଚିନ୍ତା କରିବା ପାଇଁ ସମାଜର ସୁଧିପାଠକ ଓ ବୁଦ୍ଧିଜୀବିମାନେ ଆଗ୍ରହ ପ୍ରକାଶ କରିବା ଉଚିତ |

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩/୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

**aahwaan@gmail.com**

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**If you are interested to post your Business classified ads in different pages on this e-Magazine, do please contact us. We also offer full page and half page advertisements as well as we welcome sponsors for different stories and articles and also patrons for the e-Magazine.**

**aahwaan@gmail.com / 9040985463**

**News Site @ Rs 15,000, School / College Site @ Rs 12,000**
**MLM Website @ Rs 25,000, Domain Registration @ Rs 99**
**Free Updation and Maintenance of Your Website**
**Multi-lingual (Odia, English, Hindi) site at no extra cost**

---

*For all your website related needs*

# Web Design
# Web Development
# Web Hosting
# MLM site script
# News Site script
# Domain Registration
# Dynamic User site script

---

**Visit our website / give us a call: -**

**WWW.ODIAGURU.COM / 90409 85463**